ସକାଳ THE SAKALA



www.sakalaepaper.com

ଦୁର୍ଘଟଣାଗ୍ରସ୍ତଙ୍କୁ ଭଗବାନ ଭରସା

# ଡାକ୍ତରଖାନାରେ ଆମ୍ବୁଲାନ୍ସ କି ଥାନାରେ ନାହିଁ ୧୧୨ ଭ୍ୟାନ

**ବଲାଙ୍ଗିର, ୧୫ ।୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ପ୍ରତିବର୍ଷ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ଷ ୨୦୨୪ରେ ପ୍ରାୟ ୩୪୯ ଦୁର୍ଘଟଣା ଘଟିଥିବା ବେଳେ ବର୍ଷ ୨୦୨୫ ଆରମ୍ଭରୁ ହିଁ ବହୁ ସଂଖ୍ୟାରେ ଦୁର୍ଘଟଣା ଘଟିସରିଲାଣି। ତେବେ ବିଭିନ୍ନ ଥାନା ଅଞ୍ଚଳରେ ହେଉଥିବା ଦୁର୍ଘଟଣା ଭିତରେ ଲୋଇସିଂହା ଥାନା ଅଞ୍ଚଳରେ ଦୁର୍ଘଟଣା ଘଟିଲେ ଲୋକଙ୍କ ଜୀବନ ଭଗବାନ ଭରସାରେ ରହିଥିବା ଆଲୋଚନା ହେଉଛି।କାହିଁକି ନା ଏହି ଥାନା ଅଞ୍ଚଳରେ ଦୁର୍ଘଟଣା ହେଲେ ଦୁର୍ଘଟଣାସ୍ଥଳରୁ ଡାକ୍ତରଖାନା କୁ ଆଣିବା ପାଇଁ ଅନେକ ସମସ୍ୟା ଦେଖିବାକୁ ମିଳିଛି। ପୂର୍ବରୁ ଅଗ୍ନିଶମ ବିଭାଗ ଗାଡ଼ି ଦୁର୍ଘଟଣାସ୍ଥଳରୁ ଲୋକଙ୍କୁ ଡାକ୍ତରଖାନାକୁ ନେଉଥିବା ବେଳେ ସମ୍ପୃକ୍ତ ବିଭାଗ ମଧ୍ୟ କିଛି ମାସ ହେଲା ଏହାକୁ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ ଦୁର୍ଘଟଣାରେ ଗୁରୁତର ରୋଗୀଙ୍କ ପାଇଁ ବଡ ସମସ୍ୟା ହେଉଥିବା ବେଳେ ପୁଲିସ ବାଧ୍ୟ ହୋଇ ଅନେକ ସମୟରେ ନିଜ ଭ୍ୟାନରେ ଗୁରୁତରଙ୍କୁ ନେଇ ଚିକିତ୍ସା କରାଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳ ଦେଇ ୨୬ ନଂ ଜାତୀୟ ରାଜପଥ ଲମ୍ବିଛି। ଏହି ରାଜପଥର ସାଲେଭଟା ଠାରୁ ଫାସଡ ପର୍ଯ୍ୟନ୍ତ ଲୋଇସିଂହା ଥାନା ଅଞ୍ଚଳରେ ରହିଛି। ଏହା ସହ ଅନେକ ରାଜ୍ୟ ରାଜପଥ ଓ ଗାଁ ରାସ୍ତା ରହିଛି। ବିଗତ କିଛି ବର୍ଷ ହେଲା ଲୋଇସିଂହା ଥାନା ଅଞ୍ଚଳରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ତେବେ ଗତ କିଛି ଦିନ ଭିତରେ ଘଟିଥିବା ଦୁର୍ଘଟଣା ଉପରେ ଦୃଷ୍ଟି ପକାଇଲେ କେମିତି ପୁଲିସ ଓ ଦୁର୍ଘଟଣା ଗ୍ରସ୍ତ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ସ୍ପଷ୍ଟ ହୋଇଛି। କିଛି ମାସ ପୂର୍ବରୁ ଲୋଇସିଂହା ବର୍ଡା ରାସ୍ତାରେ ସଡକ ଦୁର୍ଘଟଣା ହୋଇଥିଲା।ଜଣେ ବାଇକ୍ ଆରୋହୀ ଦୁଇ ଜଣଙ୍କୁ ମଡାଇ ନିଜେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ।ଏହି ସମୟର ପୁଲିସ ଓ ସମ୍ପର୍କୀୟ ଆହତଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଶେଷ ରେ ଠିକ ସମୟରେ ଆମ୍ବୁଲାନ୍ସ ଆସିନଥିଲା। ପୁଲିସ ନିଜ ପ୍ରଚେଷ୍ଟାରେ ଆହତଙ୍କୁ ବଲାଙ୍ଗିର ଡାକ୍ତରଖାନା କୁ ସ୍ଥାନାନ୍ତର କରିଥିଲା। ସେହିପରି ଶୁକ୍ରବାର ରାତିରେ ଏକ ଦୁର୍ଘଟଣା ଘଟିଥିଲା। ଏକ ପିକଅପ୍ ଗାଡ଼ି ବାଇକ୍‌କୁ ଧକ୍କା ଦେଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ।ଏହି ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ଏହି ଦୁର୍ଘଟଣା ଘଟିବା ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଆହତ ମାନଙ୍କୁ ନେଉନଥିବା ବେଳେ ଶେଷରେ ପୁଲିସ ନିଜ ଭ୍ୟାନରେ ଆହତଙ୍କୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲା। ସେହିପରି ଗୁରୁବାର ରୁଗୁଡ଼ିଖାଲରେ ଜଣେ ବାଇକ୍ ଆରୋହୀ ହାଇୱା ଗାଡ଼ିକୁ ପଛରୁ ଧକ୍କା ଦେଇଥିଲା। ଘଟଣା ଘଟିବା ପରେ ଆହତ ଯୁବକ ଜଣକ କଥାବାର୍ତ୍ତା କରିଥିଲେ। ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିଥିଲା। ଫଳରେ ତାଙ୍କୁ ଡାକ୍ତରଖାନା ପହଞ୍ଚିବାରେ ମଧ୍ୟ ବିଳମ୍ବ ହୋଇଥିଲା। ଫଳରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହୋଇ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଭାବେ ଲୋଇସିଂହା ଥାନା ଅଞ୍ଚଳରେ ଦୁର୍ଘଟଣା ସଂଖ୍ୟା ମାତ୍ରରେ ବୃଦ୍ଧି ପାଇଥିବା ବେଳେ ଆହତମାନଙ୍କ ଜୀବନ ଭଗବାନ ଭରସାରେ ରହିଥିବା ଚର୍ଚ୍ଚା ହେଉଛି।ସୂଚନା ଯୋଗ୍ୟ ଯେ ପୂର୍ବରୁ ଦୁର୍ଘଟଣା ଗ୍ରସ୍ତଙ୍କ ଜୀବନ ବଞ୍ଚାଇବାରେ ଅଗ୍ନିଶମ ବିଭାଗ ବଡ ଭୂମିକା ନେଇଥିଲା। ଦୁର୍ଘଟଣା ହେବା ମାତ୍ରେ ଅଗ୍ନିଶମ ଗାଡ଼ି ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। କିନ୍ତୁ ଗତ କିଛି ମାସ ହେଲା ଅଗ୍ନିଶମ ବିଭାଗ ଏହି ମହତ୍ କାମରେ ଅବହେଳା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି।ଏହା ସହିତ ଦୁର୍ଘଟଣା ଘଟିଲେ ଦୁର୍ଘଟଣା ସ୍ଥଳକୁ ପହଞ୍ଚିବାରେ ୧୦୮ ଆମ୍ବୁଲାନ୍ସ ମଧ୍ୟ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଫଳରେ ବାଧ୍ୟ ହୋଇ ପୁଲିସ ନିଜ ଭ୍ୟାନକୁ ଆହତଙ୍କୁ ସ୍ଥାନାନ୍ତର କରିବାରେ ବ୍ୟବହାର କରୁଛି।ଏହାଦ୍ୱାରା ଦୁର୍ଘଟଣା ଘଟାଉଥିବା ଗାଡ଼ିକୁ ମଧ୍ୟ ଧରିବାରେ ବିଫଳ ହେଉଥିବା ଜଣାପଡ଼ିଛି। ଜିଲ୍ଲାର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଥାନାମାନଙ୍କରେ ୧୧୨ ଗାଡ଼ି ରହିଛି କିନ୍ତୁ ଏହି ଥାନାରେ ତାହା ମଧ୍ୟ ନାହିଁ। ସାମଗ୍ରିକ ଭାବେ ଦେଖିବାକୁ ଗଲେ ଲୋଇସିଂହା ଥାନାରେ ଯଦି ଦୁର୍ଘଟଣା ହୁଏ ଆହତଙ୍କ ଜୀବନ ଭଗବାନଙ୍କ ଭରସାରେ ରହୁଥିବା ଆଲୋଚନା ହେଉଛି।ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଲୋଇସିଂହା ଥାନାରେ୧୧୨ଭ୍ୟାନ, ସ୍ଥାନୀୟ ଡାକ୍ତରଖାନାରେ ସ୍ୱତନ୍ତ୍ର ଭାବେ ଆମ୍ବୁଲାନ୍ସ ଗାଡ଼ି ବ୍ୟବସ୍ଥା କରିବା ସହ ଅଗ୍ନିଶମ ବିଭାଗକୁ ତାଗିଦ୍ କରିବା ପାଇଁ ଦାବି ହୋଇଛି।

**ନାହିଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆହତଙ୍କୁ ବୋହୁଛି ପୁଲିସ ଭ୍ୟାନ୍**

## ଗଞ୍ଜେଇ ଜବତ, ଜଣେ କୋର୍ଟ ଚାଲାଣ



**ଦେଓଗାଁ, ୧୫।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନସିରା ଛକରେ ଶନିବାର ଜନୈକ ବ୍ୟକ୍ତି ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ସ୍ଥାନୀୟ ପୁଲିସ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଖରିଆର ଭଜପୁରର ଭୋଦେବ ଭୋଇ (୨୫)। ସୂଚନାନୁସାରେ ତୁଷୁରା ପଟୁ ସ୍କୁଟି ନଂ ସିଜି୦୪ ପିଏନ-୩୯୭୧ରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ଥ ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏଏସ୍‌ଆଇ ମନୋଜ ମିଶ୍ର, ବିଡି ବେହେରା, ଜେ ବଗର୍ତ୍ତି ଓ ଏନଏନ ମିର୍ଦ୍ଧା ପ୍ରମୁଖ ତୁଷୁରା ଛକ ନିକଟରେ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୧କେଜି ୯୧୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲ। ଅତିରିକ୍ତ ତହସିଲଦାର ବ୍ୟୋମକେଶ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିବା ସହ ଏଥିରେ ବ୍ୟବହୃତ ସ୍କୁଟି ଓ ମୋବାଇଲ ଫୋନକୁ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ମୁଣ୍ଡା ସୂଚନା ଦେଇଛନ୍ତି।

## ୨୦୦ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ



**ବଲାଙ୍ଗିର, ୧୫ ।୨(ସମିସ):** ବଲାଙ୍ଗିର ସହର ସାଲେପାଲିରେ ଟାଉନ ପୁଲିସ ଚଢ଼ଉ କରି କଫ ସିରପ୍ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଖଦାଲ ପଡ଼ାର ରାଜେଶ ବେହେରା। ତା ଠାରୁ ୨୦୦ ବୋତଲ କଫ ସିରପ। ଏକ ହୋଣ୍ଡା ସ୍କୁଟି, ନଗଦ ୫୦୦ ଟଙ୍କା ଏବଂଏକ ମୋବାଇଲ ଫୋନ୍ ଜବତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଶନିବାର ସକାଳେ ସାଲେପାଲି ଅଞ୍ଚଳରେ କଫ ସିରପ୍ କାରବାର ଚାଲିଥିବା ଟାଉନ ପୁଲିସ ଖବର ପାଇଥିଲା। ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ରାଜେଶ ବେହେରାକୁ ଧରି ଯାଞ୍ଚ କରିବାରୁ ତା ପାଖରୁ ୨୦୦ ବୋତଲ କଫ ସିରପ୍ ବାହାରିଥିଲା। କଫ ସିରପ୍ ଜବତ କରିବା ସହିତ ଅଭିଯୁକ୍ତକୁ ଧରି ଥାନାକୁ ଆଣି କୋର୍ଟ ଚାଲାଣ କରାଯାଇଛି। ଜବତ କଫ ସିରପ୍‌ର ବଜାର ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକର୍ତ୍ତା ଚୟନ

**କଣ୍ଟାବାଞ୍ଜି, ୧୫ ।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ନୂଆପଡ଼ା ଲକ୍ଷେ ଘର ଗଣ୍ଡା ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଛନ୍ତି।ସର୍ବସମ୍ମତିକ୍ରମେ ସଭାପତି ଭାବେ ଦୁଃଖିଶ୍ୟାମ ରାଏ, ଉପ ସଭାପତି ଅମୂଲ୍ୟ ରାଏ, ସମ୍ପାଦକ ରାଜେନ୍ଦ୍ର ଜାଲ, ସହସମ୍ପାଦକ ବିନ୍ଦୁ ଭୂଷଣ ବାଗ, କୋଷାଧ୍ୟକ୍ଷ ଭାବେ ଅମରେନ୍ଦ୍ର ତାଣ୍ଡି ମନୋନୀତ ହୋଇଛନ୍ତି। ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଯୋଗିସର୍ଡ଼ା କ୍ଲଷ୍ଟରସ୍ତରୀୟ ବୈଠକ



**ଲୋଇସିଂହା, ୧୫ ।୨(ସମିସ):** ଲୋଇସିଂହା ବ୍ଲକ ଯୋଗିସର୍ଡ଼ା ପ୍ରାଥମିକ ବିଦ୍ୟାଳୟରେ ଯୋଗିସର୍ଡ଼ା କ୍ଲଷ୍ଟରସ୍ତରୀୟ ମାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଉକ୍ତ କ୍ଲଷ୍ଟର ଅଧିନରେ ଥିବା ୧୨ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ୧୧ ଜଣ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଯୋଗିସର୍ଡ଼ା ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନନ୍ଦିନୀ ତାଣ୍ଡି ଏହାର ଶୁଭାରମ୍ଭ କରିଥିବା ବେଳେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସଫଳତା ଓ ଅଭିମୁଖ୍ୟ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ସୁରେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ନମୁନା ପାଠ ଯୋଜନା ପ୍ରଦର୍ଶନ କରାଯାଇଥିଲା। ଶେଷରେ ଶିକ୍ଷକ ବେଳାର ସାହୁ ଧନ୍ୟବାଦ୍ ଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା

**ଟିଟିଲାଗଡ଼, ୧୫ ।୨(ସମିସ):** ଟିଟିଲାଗଡ଼ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ନେଇ ସହରରେ ବିଶେଷ ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଟିଟିଲାଗଡ଼ ଥାନା ଆଇ୍‌ଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେରେ ଅନୁଷ୍ଠିତ ଶୋଭାଯାତ୍ରାରେ ଲାୟନ୍ସ କ୍ଲବ୍ ଟିଟିଲାଗଡ଼ ଶାଖା, ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାଳକ ହାଇସ୍କୁଲ, ମହେଶ୍ୱର ହିନ୍ଦୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଟିଟିଲାଗଡ଼ ଥାନା ସବଇନ୍ସପେକ୍ଟର କିରଣ ଜାନି, ପ୍ରଦୀପ ଦୁରିଆ, ଖଗେଶ୍ୱର ମାଝୀ, ଏଏସଆଇ କପୁରଚନ୍ଦ ପଧାନ, ମନୋଜ ବିଶି, ଅହଲ୍ୟା ସୁନାନୀ, କନଷ୍ଟେବଲ ଲକ୍ଷ୍ମଣ ସଲତର, ବିଜୟ ମଲ୍ଲିକ, ମୀନକେତନ ପାଣ୍ଡେ, ମୁକ୍ତା କୁଣ୍ଡୁ, ପଞ୍ଚାନନ ହେର୍ଣ୍ଡା, ଲାୟନ୍ସ କ୍ଲବ୍ ସମ୍ପାଦକ ଆବାସ ଖାନ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ପଙ୍କଜ ନାମଦେବ, ପ୍ରଦୀପ ବାରିକ, କ୍ଷୀର ଦର୍ଜୀ ପ୍ରମୁଖ ସାମିଲ ହୋଇଥିଲେ।

## କଣ୍ଟାବାଞ୍ଜିରେ କ୍ଲଷ୍ଟରସ୍ତରୀୟ 'ନିପୁଣ ମେଳା'



**କଣ୍ଟାବାଞ୍ଜି, ୧୫ ।୨(ସମିସ):** ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ନିପୁଣ ମେଳା' ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡ଼ିଆରି ମୁଖ୍ୟଅତିଥି, ସାମ୍ବାଦିକ ତୁଳସୀ ରାମ ଜଗତ ମୁଖ୍ୟବକ୍ତା, ସମାଜ ସେବୀ ବେଦବ୍ୟାସ ନାଗ ସମ୍ମାନିତ ଅତିଥି, ସାମ୍ବାଦିକ ପୁଷ୍ପକେତୁ ବେହେରା, ସାମ୍ବାଦିକ ରୋହନ କୁମାର ମହନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।ଶିକ୍ଷୟିତ୍ରୀ ଅଞ୍ଜଳି ମାଝୀ ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଭା ପରିଚାଳନା କରିଥିଲେ। ଶିକ୍ଷକ ସୁରେନ୍ଦ୍ର ମାଝୀ ଶ୍ଳୋକ ଉଚ୍ଚାରଣ ଓ ଛାତ୍ରୀବୃନ୍ଦ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।ତାପରେ ନିପୁଣ ମିଶନର ଗୀତ ଓ ପ୍ରତିଜ୍ଞା ନିଆଯାଇଥିଲା। ପ୍ରଥମରୁ ତୃତୀୟ ଶ୍ରେଣୀର ସଂଖ୍ୟାଜ୍ଞାନ ଓ ଭାଷାଜ୍ଞାନ ଉପରେ ତିଆରି ହୋଇଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ ମେଳାରେ ପ୍ରଦର୍ଶନ କରାଯାଇଥିଲା। ସଂଖ୍ୟାଜ୍ଞାନ ଓ ଭାଷା ପାଇଁ ଶ୍ରେଷ୍ଠ ତିନିଜଣ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା।ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫ୍ୟାନ୍ସି ଡ୍ରେସରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।ମେଳାରେ ଶିକ୍ଷକ କୃଷ୍ଣ ଚନ୍ଦ୍ର ପଣ୍ଡା ଓ ଶିକ୍ଷୟତ୍ରୀ ଦିପ୍ତିବାଳା ବେହେରା ବିଚାରକ ଭାବେ ଯୋଗ ଦେଇ ଥିଲେ। ପୂଜା ଜାଲ, ଲାବନ୍ୟା ଧରୁଆ, ଭାରତୀ ଦାସ, ସୁଭାଷିନୀ ମେହେର, ଯୋଷୋଦା ବିଡିକା, ସୁନୀତା ମେହେର, ସବିତା ପାଣିଗ୍ରାହି, ଶାନ୍ତି ଲତା ଭୋଇ, ବିଣାପାଣି ଦାସ, ଶିକ୍ଷକ ବିଶ୍ୱରଞ୍ଜନ ଦାସ, ଜାନକୀ ରାମ ସାମବେଦମ୍ ସହଯୋଗ କରିଥିଲେ।

## ଡାହିମାଲ କ୍ଲଷ୍ଟରର ମାସିକ ବୈଠକ



**ତୁଷୁରା, ୧୫ ।୨(ସମିସ):** ସରକାରୀଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରେଭନାରେ ଡାହିମାଲ କ୍ଲଷ୍ଟରର୍ ନବମମାସିକ ବୈଠକ ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି।ସ୍ଥାନୀୟ ସିଆର୍‌ସିସି ପ୍ରହଲ୍ଲାଦ ଦଣ୍ଡସେନା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞା ର ଫେବୃଆରୀ ମାସର ଏଜେଣ୍ଡା ଶୈକ୍ଷିକ କ୍ୟାଲେଣ୍ଡର ଉପରେ ଆଲୋଚନା କରିଥିଲେ।କ୍ଲଷ୍ଟର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀ ବୈଠକ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ପ୍ରଧାନ ପ୍ରଶାନ୍ତ କୁମାର ସୁନା ଅଧ୍ୟକ୍ଷତା କରିଥିଲା ବେଳେ ପ୍ରଧାନଶିକ୍ଷକ ଶଶି ଭୋଇ, ମନୋରଞ୍ଜନ ଭୋଇ, ରାଜ କିଶୋର ଝାଙ୍କର ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ପୋଷଣ କରିଥିଲେ। ମୁଖ୍ୟଅତିଥି ଭାବେ ଗୁଡଭେଲା ବ୍ଲକର କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସୁନା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଉଦ୍ଦିଷ୍ଟ ଶିକ୍ଷଣ ସୋପାନ ଲିପିବଦ୍ଧ, ଜିକେଏ କିଟ୍ ଓ ଆପାରଆ ଇଡି, ଏମଏସପି, ଟ୍ୟାବଲଟ ବ୍ୟବହାର, ନିପୂଣ ମେଳା, ଶିକ୍ଷଣପ୍ରସ୍ତୁତି କର୍ମଶାଳା, ବହୁସମସ୍ୟାର ସମାଧାନ ଓ ସନ୍ଦେହ କରିବା ସହ ସୁଚିନ୍ତିତ ମତାମତ ଦେଇ ସମସ୍ତଙ୍କୁ ଉତ୍ସାହିତ ଓ ପ୍ରେରଣା ଦେଇଥିଲେ। ସ୍ଥାନୀୟ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୀତବାସ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ହେମସାଗର ଷଡ଼ଙ୍ଗୀ ମୌଳିକ ସାକ୍ଷରତା ଓ ଶିକ୍ଷକ ସୁଶାନ୍ତ କୁମାର ମେହେର ସଂଖ୍ୟାଜ୍ଞାନ ଉପରେ ଶିକ୍ଷାଦାନ ଦେଇଥିଲେ। ବ୍ଲକ ସଂଯୋଜକ ଏଲ୍‌ଏଲ ଏଫ୍ ଗୁଡ଼ଭେଲା ରାଧାକାନ୍ତ ନନ୍ଦ ପ୍ରଧାନଶିକ୍ଷକ କଳାକୃଷ୍ଣ କୁମୁରା, ଦେବରାଜ ମାଝୀ, ଚମରୁ ଥପା, ପୁଷ୍ପା ମାଝୀ, ପ୍ରଶାନ୍ତ ବିଶ୍ୱାଳ, ଦେବାନନ୍ଦ ପ୍ରଧାନ, ପୁରୁଷୋତ୍ତମ ଭୋଇ ସୁଧୀର ପ୍ରଧାନ, ଅଶୋକ ଝଙ୍କାର, ଉମା ଝାଙ୍କର, ଶଶି ଭୋଇ, ଦିନେଶ କୁମାର ସାହୁ, ରାଜେଶ ଭୋଇ, ପୁରୁଷୋତ୍ତମ ଭୋଇ ବିଶ୍ୱଜିତ୍ ମହାରଣା, ପ୍ରଣୟିନି ସୁନା ସରୋଜ ରଣା, ଲିଙ୍ଗରାଜ ଭୋଇ ଯୋଗ ଦେଇ ପ୍ରଶିକ୍ଷଣ ନେବା ସମସ୍ତ ସନ୍ଦେହ ମୋଚନ କରିଥିଲେ।

## ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା



**ବଲାଙ୍ଗିର, ୧୫।୨ (ସମିସ):** ପୃଥ୍ୱୀରାଜ ହାଇସ୍କୁଲ ଶିକ୍ଷା ସାଙ୍ଗକୁ କ୍ରୀଡା କ୍ଷେତ୍ରରେ ମଧ୍ୟ ସୁନାମ ଅର୍ଜନ କରିବ ଏହି ଲକ୍ଷ୍ୟରେ ଏହି ପଡ଼ିଆକୁ ଗତ ୧୦ ବର୍ଷ ଭିତରେ ବିକାଶ କରାଯାଇଛି। ପଡ଼ିଆର ପଶ୍ଚିମ ପଟରେ ଏକ ସୁଦୃଶ୍ୟ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ ସାରା ରାଜ୍ୟରେ ଖ୍ୟାତି କରିଛି। ଫୁଟବଲ ପଡ଼ିଆରେ ମଧ୍ୟ ଉନ୍ନତିକରଣ ପାଇଁ ଏକ ସୁଦୃଶ୍ୟ ଗ୍ୟାଲେରି ନିର୍ମାଣ ହୋଇପାରିଛି କିନ୍ତୁ ଏହା ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମରେ ପରିଣତ କରିବା ପାଇଁ ଏକ ସୁଇମିଂ ପୁଲ, ଆଉଟଡୋର ଜିମ୍, ହଷ୍ଟେଲ ସାଙ୍ଗକୁ ଫୁଟବଲ ପଡ଼ିଆରେ ସବୁଜ ଘାସ ଓ ପାଣି ସିଞ୍ଚନ କରିବାର ବ୍ୟବସ୍ଥା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇସାରିଥିଲା କିନ୍ତୁ ହୀନ ରାଜନୀତି ପଶି ସେହି ସବୁ ପ୍ରକଳ୍ପ ନିର୍ମାଣ ରେ ବାଧା ସୃଷ୍ଟି କରାଯାଇଛି। ମୁଁ ଦୃଢ ନିଶ୍ଚିତ ଆମେ ପୁଣି ଉଦ୍ୟମ କରିବା ଆଗାମୀ ବର୍ଷ ଭିତରେ ଯେମିତି ଏ ଅଟକିଥିବା ପ୍ରକଳ୍ପ ସବୁ ଆରମ୍ଭ ହୋଇ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆ ଏକ ପୂର୍ଣ୍ଣାଙ୍ଗ ଷ୍ଟାଡିୟମରେ ପରିଣତ ହୋଇପାରିବ ବୋଲି ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡ଼ିଆରେ ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି। ଏହି ଖେଳ ପଡ଼ିଆ ଯେପରି ସ୍କୁଲ ପିଲାମାନଙ୍କ କ୍ରୀଡାର ବିକାଶରେ କାମ ଦେବା ସାଙ୍ଗରେ ସାଧାରଣ ଲୋକଙ୍କ କ୍ରୀଡା କୌ÷ଶଳ ବିକାଶ ପାଇଁ ଉପଲବ୍ଧ ରହିବ ସେଥି ପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର। ସେମି ଫାଇନାଲ କଟକ ଦଳ ଭୁବନେଶ୍ୱର ଦଳକୁ ୧-୦ରେ ପରାସ୍ତ କରି ଫାଇନାଲକୁ ପହଞ୍ଚିଛି।ଲୋଟସ ଷଡଙ୍ଗିଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ହରିନାରାୟଣ ପୁଜାରୀ, ଗାନ୍ଧୀ କ୍ଲବ୍ ସଭାପତି ରାମଚନ୍ଦ୍ର ପୁରୋହିତ, ପ୍ରଫେସର ଶିବ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ମହିଳା ଅଧିକାର ସଚେତନତା




**ଟିଟିଲାଗଡ଼, ୧୫ ।୨(ସମିସ):** ଓଏସସିଡବ୍ଲୁ ତଥା ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳାଙ୍କ ଆଇନଗତ ଅଧିକାର ସଚେତନତା ନେଇ ସ୍ଥାନୀୟ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ସମାଜ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରୀ, ବିଶିଷ୍ଟ ବକ୍ତା ଆଇନଜୀବୀ କମ୍ଭୁପ୍ରସାଦ ପାଢ଼ୀ, ଡ଼ିଏଭି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରମୁଖ ଡ଼ଃ ରମାକାନ୍ତ ବେହେରା ବାଲ୍ୟ ବିବାହ, ମହିଳାଙ୍କୁ ନିର୍ଯାତନା, ଅସମ୍ମାନ ନେଇ ଆଇନରେ କଡା ପ୍ରାବଧାନ ରହିଥିବା ସଚେତନ କରିଥିଲେ। ବର୍ତ୍ତମାନ ପୁରୁଷଙ୍କ ଭଳି ମହିଳାଙ୍କ ସମାନ ଅଧିକାର ରହିଛି। ପୀଡିତ ମହିଳାଙ୍କୁ ମାଗଣା ଆଇନଗତ ସହାୟତା ପାଇଁ ସରକାର ବ୍ୟବସ୍ଥା କରିଥିବା କହିଥିଲେ। ବଲାଙ୍ଗିର ଏସଡବ୍ଲୁଓ କାନ୍ତିଲତା ସାହୁ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସମାଜ କଲ୍ୟାଣ ବିଭାଗର ବଲାଙ୍ଗିର ପିଓ ସୁମନ୍ତ ବେହେରା, ଟିଟିଲାଗଡ଼ ସିଡିପିଓ କାର୍ଯ୍ୟାଳୟର ଜେଏଏସ ତପୋବନ ମାଝୀ, ଜେଆରଏ ନୀଳିମା ମହାନ୍ତି, ପୋଷଣ ବିଶିର ବ୍ଲକ ସଂଯୋଜକ ବିଶ୍ୱରଞ୍ଜନ ଛତ୍ରିଆ ପ୍ରମୁଖ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ଡ଼ିଏଭି ମହାବିଦ୍ୟାଳୟ ଛାତ୍ରୀ, ଅଙ୍ଗନବାଡି କର୍ମୀ, ଆଶା ସାମିଲ ହୋଇଥିଲେ।

**ଅସହାୟ କର୍ଲୁଙ୍କ ପରିବାର**

# ଦୁଇ ନାତୁଣୀ ଯାଇଛନ୍ତି ଦାଦନ ଖଟି

**ବଲାଙ୍ଗିର, ୧୫।୨(ସମିସ)**

ବାବୁରେ, କଲେକ୍ଟର୍ ଆଜ୍ଞା କେନ ବଏସନ୍ କହତ ଗୋ ବା। କୁଷେ ଦୂରୁ ଆଇଛେଁ। ମୋର୍ ଝି, ବହ, ମୋର୍ ଘରର୍ ଅବସ୍ଥା ଦେଖାମି ଆର୍ କହେମି। କାଣା ସାହାଯ୍ୟ ସହଯୋଗ୍ ଟିକେ କରବେ କାଏଁ ପଚରାମିରେ ବା। ଉଦୁଉଦିଆ ଖରାବେଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଆମକୁ ଏଭଳି ପଚାରିଲେ ଜଣେ ବୃଦ୍ଧ। ତାଙ୍କ ସାଙ୍ଗରେ ଥାଆନ୍ତି ବୃଦ୍ଧା ସ୍ତ୍ରୀ, ଭିନ୍ନକ୍ଷମ ଝିଅ, ବିଧବା ବୋହୂ ଏବଂ ତିନିଜଣ କୁନି ଶିଶୁ। ତାଙ୍କର ପରିବାର ଏବେ ଅସହାୟ ହୋଇପଡ଼ିଥିବା ବେଳେ ସରକାରୀ ସହାୟତା ନିବେଦନ କରିବାକୁ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିବା ଜଣାପଡ଼ିଥିଲା।

ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅର୍ନ୍ତଗତ କୁଡାସିଂହା ଗ୍ରାମରେ ରହନ୍ତି କର୍ଲୁ ତାଣ୍ଡି। ବୟସର ଅପରାହ୍ନରେ ପରିବାରର ବୋଝ ମୁଣ୍ଡରେ ଲଦି ହୋଇଛି। ଦେହରେ ବଳ କମିକମି ଆସୁଛି, ଆଖିକୁ ଭଲ ଭାବରେ ଦେଖାଯାଉନାହିଁ। ତଥାପି ନିଜ ପରିବାରର ଚିନ୍ତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଆସିଥିଲେ। କର୍ଲୁଙ୍କ କହିବା ଅନୁସାରେ ତାଙ୍କ ବୟସ ୮୦ ଛୁଇଁଲାଣି। ଘରେ ରହୁଛନ୍ତି ସ୍ତ୍ରୀ ପୂର୍ଣ୍ଣ ତାଣ୍ଡି(୭୪), ଭିନ୍ନକ୍ଷମ ଝିଅ ଅଳକା ତାଣ୍ଡି(୩୮), ବିଧବା ବୋହୂ ରିନା ତାଣ୍ଡି, ଦୁଇଟି ନାତି, ଜଣେ ନାତୁଣୀ। କର୍ଲୁଙ୍କ ଝିଅ ଅଳକା ତାଣ୍ଡି ଜନ୍ମରୁ ଭିନ୍ନକ୍ଷମ। ଅକ୍ଷମ ହୋଇଥିଲେ ହେଁ ନିଜ ଝିଅକୁ ଛାଡିବେ କୁଆଡେ। ତେଣୁକରି ଏବେବି ତାଙ୍କର ସେବା ଶୁଶ୍ରୁଷା କରୁଛନ୍ତି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗତବର୍ଷ ବଡପୁଅର ମୃତ୍ୟୁ ହେବାପରେ ପରିବାର ଆହୁରି ଅସହାୟ ହୋଇପଡ଼ିଛି। ଘରର ପରିସ୍ଥିତି ଦେଖି ଦୁଇ ନାନାଳିକା ନାତୁଣୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି।ଏଭଳି ଦୁର୍ଦ୍ଦିନରେ କର୍ଲୁ ଓ ତାଙ୍କର ପରିବାର ରହୁଛନ୍ତି।କର୍ଲୁଙ୍କ ପରିବାରକୁ ସରକାରୀ ସହୟତା କହିଲେ ୧୦୦୦ ଟଙ୍କା ଭତ୍ତା ଓ ୫ କେଜି ଚାଉଳ। କର୍ଲୁ, ତାଙ୍କର ସ୍ତ୍ରୀ ଓ ତାଙ୍କର ଭିନ୍ନକ୍ଷମ ଝିଅଙ୍କ ଭତ୍ତା ଟଙ୍କା ମିଶିଲେ ୩୦୦୦ ଟଙ୍କା ହୁଏ। ଏତିକିରେ ମାସସାରା ତାଙ୍କର ପରିବାର ଚଳିଥାଏ ବୋଲି କହିଛନ୍ତି। ପୁଅ ମରିବାର ବର୍ଷେ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାଙ୍କର ସ୍ତ୍ରୀ ବିଧବା ଭତ୍ତା ପାଇନାହାନ୍ତି। କର୍ଲୁ ତାଣ୍ଡିଙ୍କ ପରିବାର ଅସହାୟ ଅବସ୍ଥାରେ ରହିଥିବା ବେଳେ କିଛି ସାହାଯ୍ୟ ସହଯୋଗ କରିବାକୁ ସେମାନେ ସମସ୍ତେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ତାଙ୍କର ନିବେଦନ ରକ୍ଷା କରିବେ ବୋଲି ସେମାନେ ଆଶା କରିଛନ୍ତି।



**ଘରେ ଭିନ୍ନକ୍ଷମ ଝିଅ, ବିଧବା ବୋହୂ**

## କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' ମେଳା



**ଗୋଲାମୁଣ୍ଡା, ୧୫ ।୨(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ବୃନ୍ଦାବାହାଲ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ବୈଜଲପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ୱାର୍ଡମେମ୍ବର ଦିଗାମ୍ବର ଦାସ, ସମ୍ମାନିତ ଅତିଥି ଭାବେ ସ୍କୁଲ ସଭାପତି ଚିତ୍ରସେନ ହରପାଲ, ନନ୍ଦକିଶୋର ସେଠିଆ, ଦେକୋଟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୁଲାରାମ୍ ତୋଲଟିଆ, ବୃନ୍ଦାବାହାଲ୍ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନତ ମୁଣ୍ଡ, ଶିକ୍ଷକ ସଂଘର ସମ୍ପାଦକ ତରଙ୍ଗ ଚଣ୍ଡୀ, ସିଆରସିସି ଟଙ୍କଧର ସାଗର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୌଭାଗ୍ୟ ନାଏକ ସଭାପତିତ୍ୱ କରିଥିଲେ। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ଆରମ୍ଭରେ ନିପୁଣ ଓଡ଼ିଶାର ସାମୂହିକ ଗାନ ଓ ଶପଥ ପାଠ କରାଯାଇଥିଲା। ଅତିଥିମାନେ ନିପୂଣ ଓଡ଼ିଶା ମେଳାର ଲକ୍ଷ୍ୟ ବିଷୟରେ ଆଲୋକପାତ କରିବା ସହିତ ବିଭିନ୍ନ ଷ୍ଟଲ୍ ଗୁଡିକରେ ଲାଗିଥିବା ସମସ୍ତ ଉପକରଣ ଗୁଡ଼ିକୁ ବୁଲି ଦେଖିଥିଲେ । ୧୧ଟି ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନଙ୍କୁ ପ୍ରଶଂସା ପତ୍ର ଦିଆଯାଇଥିଲା । ଛତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ରମେଶ ଜାଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରେଡିଓ ସ୍ୱର ସଙ୍ଗମକୁ 'ସୁରଭି ପ୍ରଜ୍ଞା ସମ୍ମାନ'



**ସିନାପାଲି, ୧୫।୨(ସମିସ):** ଇଣ୍ଡିଆନ୍ ଇନ୍‌ଷ୍ଟିଚୁଟ ଅଫ୍ ଏଡୁକେଶନ ଆଣ୍ଡ କେୟାର ପକ୍ଷରୁ ଭୁବନେଶ୍ୱରରେ ବିଶ୍ୱ ରେଡିଓ ଦିବସ ପାଳନ ଅବସରରେ ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ରେଡିଓ ସ୍ୱର ସଙ୍ଗମକୁ 'ସୁରଭି ପ୍ରଜ୍ଞା ସମ୍ମାନ ୨୦୨୫'ରେ ସମ୍ମାନିତ କରାଯାଇଛି। ରେଡିଓ ସ୍ୱର ସଙ୍ଗମର ନିର୍ଦ୍ଦେଶକ ତ୍ରିନାଥ ମେହେର, ପରିଚାଳକ ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଟେକନିସିଆନ୍ ଲିଙ୍ଗରାଜ ଜଗତ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମର ଟେକ୍ନିକାଲ ଅଧିବେଶନରେ ଶ୍ରୀ ମେହେର ଅତିଥି ଭାବରେ ମଞ୍ଚାସିନ ରହି ନିଜ ମତ ରଖିଥିଲେ। ରେଡିଓ ସ୍ୱର ସଙ୍ଗମର ଏହି ସଫଳତାରେ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇବାସହ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱାଦଶ ବାର୍ଷିକ ଉତ୍ସବ



**ସିନାପାଲି, ୧୫।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱାଦଶ ବାର୍ଷିକ ଉତ୍ସବ ଶୁଭାରମ୍ଭ ହୋଇଛି। ମୁଖ୍ୟକର୍ତ୍ତା ଭାବେ ବିଜୟ ମେହେର ଓ ମୋନାଲିସା ମେହେର ରହିଥିଲେ। ଯଜ୍ଞକାର୍ଯ୍ୟକୁ ପୂର୍ଣ୍ଣଚନ୍ଦ୍ର ମେହେର, ଅର୍ଜୁନ ବାଗ, କେଶବ ମେହେର, ସନ୍ତୋଷ ନାୟକଙ୍କ ସହ ଗାୟତ୍ରୀ ଶକ୍ତିପୀଠର କର୍ମକର୍ତ୍ତା ପରିଚାଳନା କରୁଥିବା ବେଳେ ମୁଖ୍ୟ ପୂଜକ ଭାବେ ପ୍ରମୋଦ ଯୋଷୀ ଓ ସୁଭମ ପାଢ଼ୀ ରହିଛନ୍ତି। ଜ୍ଞାନଯଜ୍ଞର ମୁଖ୍ୟ ପ୍ରବଚିକା ଭାବେ ଶ୍ରୀକ୍ଷେତ୍ର ପୁରୀରୁ ପ୍ରସିଦ୍ଧ ପ୍ରବଚିକା ସରୋଜିନୀ ଦେବୀ ଯୋଗଦେଇଛନ୍ତି। ପରିଚାଳନା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଦୈନିକ ଭୋଗଦାତା ଓ ଆଜୀବନ ସଦସ୍ୟଙ୍କୁ ନେଇ ବାର୍ଷିକ ବୈଠକ ହେବ ବୋଲି କମିଟି ସମ୍ପାଦକ ତୁଳସୀରାମ ମେହେର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୩ରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ କରକମଳରେ ସିନାପାଲିର ଏହି ଭବ୍ୟ ମନ୍ଦିର ଉଦ୍‌ଘାଟିତ ହୋଇଥିଲା। ସେହି ଦିନରୁ ଶ୍ରୀକ୍ଷେତ୍ର ରୀତିନିତି ଅନୁଯାୟୀ ଏଠାରେ ପ୍ରଭୁଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇ ଆସୁଛି।

### କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

**ମୁଣ୍ଡ ଉପରେ ମାଟ୍ରିକ୍ ପରୀକ୍ଷା**

## ୧୭୭ ପ୍ରଧାନଶିକ୍ଷକଙ୍କ ସ୍ଥାନରେ ଅଛନ୍ତି ୬୫

**ପୂରଣ ହେଲାନାହିଁ ପ୍ରଧାନଶିକ୍ଷକ ପଦ**

**ପଦୋନ୍ନତି ଦେଇ ପ୍ରଧାନଶିକ୍ଷକ ନିଯୁକ୍ତି ନିୟମ ରହିଛି**

**ଆସିଷ୍ଟାଣ୍ଟ ଶିକ୍ଷକ ହିଁ ଇନଚାର୍ଜ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଛନ୍ତି**



**ଭବାନୀପାଟଣା, ୧୫ ।୨(ସମିସ):**

ମାଟ୍ରିକ ପରୀକ୍ଷା ଚିନ୍ତା ଏବେ ଛାତ୍ରଛାତ୍ରୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ତେବେ କଳାହାଣ୍ଡି ଜିଲ୍ଲାରେ ଅଧାରୁ ଅଧିକ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। ବିଭିନ୍ନ ସ୍କୁଲରେ ବର୍ଷ ବର୍ଷ ଧରି ବିଷୟ ଅନୁସାରେ ଶିକ୍ଷକ ନ ଥିବା କାରଣରୁ ଗୁଣାତ୍ମକ ଶିକ୍ଷାଦାନରେ ଅନ୍ତରାୟ ସୃଷ୍ଟି କରିଥିଲା। ବର୍ତ୍ତମାନ ଅନେକ ଖାଲିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି କରାଯାଇଛି। ଏବେ ମଧ୍ୟ ଆବଶ୍ୟକ ତୁଳନାରେ କେତକ ପଦବୀ ପୂରଣ ହୋଇପାରିନାହିଁ। ମୂଳ କଥା ହେଲା କଳାହାଣ୍ଡି ଜିଲ୍ଲାରେ ରେଗୁଲାର ପ୍ରଧାନ ଶିକ୍ଷକ ୧୭୭ ମଧ୍ୟରୁ ମାତ୍ର ୬୫ ଜଣ ଅଛନ୍ତି। ପିସିଏମ ଶିକ୍ଷକ ୨୮୦ରୁ ୨୬୪ ଏବଂ ସିବିଜେଡ୍ ୨୩୨ରୁ ୨୦୫ ଜଣ ଅଛନ୍ତି। ହିନ୍ଦୀ ଶିକ୍ଷକ ୧୬୫ରୁ ୧୩୧ ଜଣ ଅଛନ୍ତି।ଏମିତି ଅନ୍ୟ ଶିକ୍ଷକଙ୍କ ଅଭାବ ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ନିଶ୍ଚିତ ପ୍ରଭାବ ପକାଇବା ଆଶଙ୍କାକୁ ଏଡାଇଦେଇ ହେବନାହିଁ। ନିୟମିତ ପ୍ରଧାନ ଶିକ୍ଷକ ନ ଥିବା ଏକ ଗୁରୁତର ବିଷୟ। କଳାହାଣ୍ଡି ଜିଲ୍ଲାରେ ୧୩୨ଟି ପରୀକ୍ଷା କେନ୍ଦ୍ରରେ ୧୯୪୬୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ଏକ୍ସ ରେଗୁଲାର ୮୫ ଜଣ ଓ ଦୂର ଶିକ୍ଷାରେ ୨୦ ଜଣ ପରୀକ୍ଷା ଦେବେ। ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ନୋଡାଲ ସେଣ୍ଟର କରାଯାଇଛି। ଜିଲ୍ଲାର ୧୩ ବ୍ଲକରେ ୧୩ ନୋଡାଲ ସେଣ୍ଟର ସ୍ଥିର ହୋଇଛି। ସ୍କୁଲ ରୂପାନ୍ତରିତ ପ୍ରକ୍ରିୟାରେ ସମସ୍ତ ସ୍କୁଲର ଭିତ୍ତିଭୂମିକୁ ସୁନ୍ଦର ଭାବେ ସଜଡ଼ା ଯାଇଛି। ଶିକ୍ଷା କ୍ଷେତ୍ରରେ ଗତ ସରକାର ଅନେକ ସୁବିଧା ଯୋଗାଇଦେଇଥିବା କଥାକୁ ଅସ୍ୱୀକାର କରିହେବନାହିଁ। ଶୈକ୍ଷିକ ଦକ୍ଷତା ପ୍ରତି କେତେ ଧ୍ୟାନ ଦିଆଯାଇଛି ତାହା ପରୀକ୍ଷା ଫଳାଫଳରୁ ଜଣାପଡ଼ିବ। ଜିଲ୍ଲାପାଳ ଗୁରୁବାର ସମସ୍ତ ୧୩୨ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରିଛନ୍ତି। ମାଟ୍ରିକ ପରୀକ୍ଷାରେ ଯେମିତି ସ୍ୱଚ୍ଛତା ରହିବ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ପ୍ରଶ୍ନପତ୍ର ଲିକ୍ ହେଉ କି କୌଣସି ତ୍ରୁଟି ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି। ବିଭାଗୀୟ ସ୍କ୍ୱାଡ୍ ବ୍ୟତୀତ ଜିଲ୍ଲାପାଳ ପ୍ରତି ବ୍ଲକରେ ବିଡ଼ିଓ ଓ ବିଇଓଙ୍କୁ ନେଇ ସ୍କ୍ୱାଡ୍ ଗଠନ କରିଛନ୍ତି। ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ବିଡ଼ିଓ ସମସ୍ତ ସରକାରୀ ଅଧିକାରୀ ପରୀକ୍ଷା ପରିଚାଳନାରେ ଯେପରି ତ୍ରୁଟି ନ ହୁଏ ସେଥିପ୍ରତି ଯଥେଷ୍ଟ ସଚେତନ ଥିବା କୁହାଯାଇଛି। ଶିକ୍ଷାର ମୂଲ୍ୟବୋଧ ଓ ମାଟ୍ରିକ ପରୀକ୍ଷାର ଦାୟିତ୍ୱବୋଧକୁ ଉପଲବ୍ଧି କରି ଶିକ୍ଷକମାନେ ଯତ୍ନଶୀଳ ହେବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଜିଲ୍ଲାରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିବା କାରଣ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଆ କହିଛନ୍ତି ଯେ, ସରକାରୀ ସ୍ତରରେ ପଦୋନ୍ନତି ଦେଇ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବା ନିୟମ ରହିଛି; କିନ୍ତୁ ତାହା ହୋଇନାହିଁ। ଏହାଫଳରେ ଆସିଷ୍ଟାଣ୍ଟ ଶିକ୍ଷକ ହିଁ ଇନଚାର୍ଜ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଛନ୍ତି।

### କୋକସରା ବ୍ଲକ୍‌ରେ ଏଥର ୧୫୧୫ ମାଟ୍ରିକ ପରୀକ୍ଷାର୍ଥୀ

କୋକସରା, ୧୫ ।୨(ସମିସ) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ଥର କପି ରୋକିବା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବା ନେଇ ସୂଚନା ରହିଛି। ଚଳିତ ବର୍ଷ କୋକସରା ବ୍ଲକରେ ୧୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ସୂଚନା ମିଳିଛି। ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ସମେତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାଉଡୋଳା, ଲଦୁଗାଁ ଉଚ୍ଚ ବିଦ୍ୟାଳୟ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ଆମପାଣି, ଏସ୍‌ଏସଡି ଉଚ୍ଚ ବିଦ୍ୟାଳୟ ଆମପାଣି, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡା, ଡହଗାଁ ଉଚ୍ଚ ବିଦ୍ୟାଳୟ, ନେଗୀଗୁଡା ହାଇସ୍କୁଲ, ମହାସାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡା, ଇନ୍ଦିରା ମେମୋରିଆଲ ହାଇସ୍କୁଲ ଟେମରା ଆଦି କେନ୍ଦ୍ରରେ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା ଏହି ସୂଚନା ଦେଇଛନ୍ତି। ତେବେ ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ସହ କପି ରୋକିବାକୁ କେନ୍ଦ୍ରଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ନୂଆପଡ଼ା ସଦର କ୍ଲଷ୍ଟରରେ ମାସିକ ବୈଠକ



**ନୂଆପଡ଼ା, ୧୫।୨(ସମିସ):** ନୂଆପଡ଼ା ସଦର କ୍ଲଷ୍ଟରରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ରତିପାଲି ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଜୀତେନ୍ଦ୍ର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ପୂର୍ବ ବୈଠକ ବିଷୟବସ୍ତୁର ପୁନରାଲୋଚନା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟବସ୍ତୁ, ଫେବୃଆରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ ଯୋଜନା, ଶ୍ରେଣୀ ପରିଚାଳନା ସମୟର ସୁବିଧା ଓ ଅସୁବିଧା, ମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର ଆଲୋଚନା, ତ୍ରି ମାତ୍ରୀକ ଆକୃତୀ ଆଧାରିତ ଶିକ୍ଷଣ କାର୍ଯ୍ୟ ବିଷୟରେ ବରିଷ୍ଠ ଶିକ୍ଷକ ସାନ ପ୍ରଧାନ ଓ ଦୋଳଗୋବିନ୍ଦ ସାହୁ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ସିନିୟର ପ୍ରାଧାପିକା ରୀନା ବାଗ ଓ ଗୁରୁ ଛାତ୍ର ହେମନ୍ତ ମାଝୀ ପରିଦର୍ଶନରେ ଆସି ନମୁନା ପାଠ ଯୋଜନା ଅନୁଧ୍ୟାନ କରିଥିଲେ। ଏହାକିପରି ଆକର୍ଷଣୀୟ ହେବ ତା ପାଇଁ ପ୍ରାଧାପିକା ଶ୍ରୀମତୀ ବାଗ ଅନେକ ପ୍ରେରଣା ଦେଇଥିଲେ। ଶେଷରେ ପ୍ରଧାନଶିକ୍ଷକ ଥବୀର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଚଳାଚଳରେ ଜନଜୀବନ ଅସ୍ତବ୍ୟସ୍ତ

**ଜୟପାଟଣା, ୧୫ ।୨(ସମିସ):** ସ୍ଥାନୀୟ କ୍ରସରଗୁଡିକର ହାଇୱା ଲୋକଙ୍କୁ ଅତିଷ୍ଠ କଲାଣି। ଦିନରାତି ଅହରହ ମେଟାଲ, ଚିପ୍‌ସ ନେଇ ଯାଉଥିବା ହାଇୱାଗୁଡିକ ଲୋକଙ୍କ ଜୀବନ ଜୀବିକାକୁ ବିପନ୍ନ କଲାଣି। ଏଥିଯୋଗୁଁ ସବୁଦିନ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାନେରଠାରୁ ଲଡୁଗାଁ ଦେଇ ଯାଇଥିବା ରାସ୍ତାରେ ଅହରହ ମେଟଲ ବୋଝେଇ ହାଇୱା ଚାଲୁଛି। ଏହାଫଳରେ ସ୍ଥାନୀୟ ଅଞ୍ଚଳରେ ବାୟୁମଣ୍ଡଳ ପ୍ରଦୂଷଣ ସହ ଗ୍ରାମବାସୀଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବାନେର ବସ୍ତି ଦେଇ ହାଇୱା ଚଳାଚଳ ଯୋଗୁଁ ରାସ୍ତା ବିପଦଶଙ୍କୁଳ ହୋଇ ପଡ଼ିଛି। ଏଥିସହ ଶବ୍ଦ ପ୍ରଦୂଷଣ ଯୋଗୁଁ ଲୋକଙ୍କ ନିଦ ହଜୁଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଶେଷରେ ଲୋକେ ହାଇୱାଗୁଡିକୁ ଅଟକ ରଖି ଏହି ରାସ୍ତାରେ ଚଳାଚଳ ନ କରିବା ପାଇଁ ତାଗିତ କରିଛନ୍ତି।



## ଗାୟତ୍ରୀ ପରିବାର ପକ୍ଷରୁ ଶକ୍ତି ଜ୍ୟୋତି କଳସକୁ ଭବ୍ୟ ସ୍ୱାଗତ

**ଥୁଆମୂଳ ରାମପୁର, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁରରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଶକ୍ତିଜ୍ୟୋତି କଳସକୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଶକ୍ତି ଜ୍ୟୋତି କଳସ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଓଡ଼ିଶା ପହଞ୍ଚିବା ପରେ ପୁରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ୩ଟି ଭବ୍ୟ ରଥରେ ଓଡ଼ିଶାର ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ପ୍ରାନ୍ତକୁ ବାହାରି ଥିଲା। ପଶ୍ଚିମ ପ୍ରାନ୍ତ ଅଭିମୁଖେ ବାହାରିଥିବା ରଥ କଳାହାଣ୍ଡି, ନୁଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ସମ୍ବଲପୁର, ଦେବଗଡ଼ ଝାରସୁଗୁଡା ଏବଂ ସୁନ୍ଦରଗଡ଼ ଜିଲ୍ଲା ପରିକ୍ରମା କରିବ। ଏହି ରଥ ଥୁଆମୁଳ ରାମପୁରରେ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଗାୟତ୍ରୀ ପରିବାର ପକ୍ଷରୁ ଏହି ଜ୍ୟୋତି କଳସ ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ଏହାର ପରିକ୍ରମା କରାଯାଉଛି। ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗରଣ କରିବା ସହିତ ପ୍ରତ୍ୟେକ ପରିବାର ମଧ୍ୟରେ ଉତ୍ସାହ ପାଇଁ ଏହି କଳସ ଯାତ୍ରା କରାଯାଉଛି। ଏଥିରେ ଅଞ୍ଚଳର ବହୁ ଲୋକ ସାମିଲ ହେଇଥିଲେ। ସରୋଜ ପ୍ରଧାନଙ୍କ ନେତୃତ୍ୱରେ ପଶ୍ଚିମ ପ୍ରାନ୍ତରେ ରଥ ପରିକ୍ରମା କରାଯାଉଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ଏହି ଶକ୍ତି ଜ୍ୟୋତି କଳସ ପରିକ୍ରମା କରାଯାଉଛି।



### ଟେଙ୍ଗନାବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

## 'ମାଟି ପିଣ୍ଡୁଳାକୁ ମୂର୍ତ୍ତି ରୂପ ଦେବାର ଦକ୍ଷତା ଜରୁରି'

**ନୂଆପଡ଼ା/କୋମନା, ୧୫।୨(ସମିସ):**

ଭଲ କୋଠା ଅପେକ୍ଷା ଭଲ ଶିକ୍ଷକଙ୍କ ଆବଶ୍ୟକତା ଅଧିକ ରହିଛି। ମାଟି ପିଣ୍ଡୁଳାକୁ ମୂର୍ତ୍ତିର ରୂପ ଦେବା ଶିକ୍ଷକ ଓ ଅଭିଭାବକ ଉଭୟଙ୍କ ଦକ୍ଷତା ଜରୁରୀ। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଟେଙ୍ଗନାବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ମଧୁଦୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ସମାଜ ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଏହି ଆହ୍ୱାନ ବା ପରାମର୍ଶ ଦେଇଛନ୍ତି।



ଶିଶୁଭଳି ଗୋଟିଏ ମାଟି ପିଣ୍ଡୁଳାକୁ ମଣିଷ ତିଆରି କାରଖାନାରେ ଭଲ ମଣିଷ ରୂପେ ପରିଗଣିତ କରି ତା' ଭବିଷ୍ୟତକୁ ସଫଳତାର ପରାକାଷ୍ଠାରେ ପରିଣତ କରିବା ପାଇଁ ସେ ଶିକ୍ଷକମାନଙ୍କୁ ସୂଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋମନା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି, ବଳମତ ମାଝୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବଳ ଶ୍ୟାମ ପଣ୍ଡା, ନୂଆପଡ଼ା ବ୍ଲକ ଅଁଲାଯୁବା କ୍ଲଷ୍ଟରର ସାଧନକେନ୍ଦ୍ର ସଂଯୋଜକ ଶରତ ପଣ୍ଡା, ଟଙ୍କଧର ଜଗତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀ, ଶ୍ରେଷ୍ଠ ଆଲୁମ୍ନି ତଥା କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ପରବର୍ତ୍ତୀ ସମୟରେ ସମରସିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରିତା ପାତ୍ର, ଲଖନଳ ସିଆରସିସି ସୁନୀଲ ମିଶ୍ର, ତରବୋଡ ସିଆରସିସି ଜମାଲ ଖାଁ, କୁରୁମପୁରି ଆଞ୍ଚଳିକ ସାଧନକେନ୍ଦ୍ରର ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ ଜଗତ, ନୂଆସୂତ ମାଝୀ, ତନମୟ ରଣା, ସନ୍ଦୀପ ପାଲ ଓ ଜବାର ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



**ସିନାପାଲି, ୧୫।୨(ସମିସ):** ରାଜ୍ୟ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଗଠନର ଆହ୍ୱାନ କ୍ରମେ ଶନିବାର ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଦୁଇ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓ ଯତୀନ୍ଦ୍ର ସେଠଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ରାଜ୍ୟ ସଂଗଠନର ଆହ୍ୱାନ ଅନୁଯାୟୀ ଆଗାମୀ ୧୮ରେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତେ ସାମିଲ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସିନାପାଲି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ ମାଝୀ, ସମ୍ପାଦକ ବାଲାଜୀ ହରିଜନଙ୍କ ସହ ରମେଶ ଚନ୍ଦ୍ର ମେହେର, ଯଜ୍ଞେଶ୍ୱର ମେହେର, ରାକେଶ ମିଶ୍ର, ପ୍ରକାଶ ମେହେର, ରାଜେନ୍ଦ୍ର ଖମାରୀ, ଦୀବ୍ୟରଞ୍ଜନ ପାଢ଼ୀ, ସୁଦର୍ଶନ ଭୋଇ, ବୈଷ୍ଣବ ମେହେର, ବଂଶୀଧର ଜଗତ, ପ୍ରେମାନନ୍ଦ ମେହେର, ହରିହର ମେହେର, ସାନୁର୍ଯ୍ୟ ମେହେର, ଦେବୀପ୍ରସାଦ ମେହେର, ଲୋଚନ ମେହେର, ପିନାକ ମେହେର ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

# ଖବର ପ୍ରକାଶ ପରେ ମରାମତି ହେଲା ଅଚଳ ନଳକୂପ

**ଶଗଡ଼ା, ୧୫ ।୨(ସମିସ):**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦର ପଞ୍ଚାୟତ କୁର୍ଡିପାଲି ଗ୍ରାମରେ ଥିବା ନଳକୂପ ଶେଷରେ ମରାମତି ହୋଇଛି। ଏକ ମାସରୁ ଅଧିକ ହେବ ଏହି ନଳକୂଅଟି ଅଚଳ ହୋଇ ପଡ଼ିଥିଲା। ଏହାଦ୍ୱାରା ଗ୍ରାମର ୩୫ ପରିବାରର ୮୦ଜଣ ଲୋକ ପାଣି ପାଇଁ ହଇରାଣ ହେଉଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ସମସ୍ୟାର ସମାଧାନ ହୋଇଛି। ବର୍ତ୍ତମାନ ଖରା ଦିନ ଆରମ୍ଭ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ନଳକୂପକୁ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ




- ଏକ ମାସରୁ ଅଧିକ ହେବ ମରାମତି ହେଉ ନ ଥିଲା
- ୩୫ ପରିବାରର ୮୦ ଲୋକ ହଇରାଣ ହେଉଥିଲେ
- ସ୍ଥାନୀୟ କର୍ମଚାରୀ, ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଚୁପ୍ ଥିଲେ
- ଟୁଇଟ୍ ପରେ ସମସ୍ୟାର ସମାଧାନ

ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଏ ନେଇ ଦୈନିକ 'ସକାଳ'ରେ ପ୍ରକାଶିତ ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର ଓ ବିନୋଜ କନ୍ଧେର ଟୁଇଟ୍ କରି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପାଣି ପାଇବା ପରେ ଲୋକେ ଖୁସିବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# କ୍ଷେତରେ ଲାଗିଥିବା ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ



**ବୌଦ୍ଧ, ୧୫ ।୨(ସମିସ):** ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମୁର୍ଶୁଣ୍ଡୀ ନିକଟରେ ଶନିବାର ପୂର୍ବାହ୍ନରେ କ୍ଷେତରେ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଆୟତ୍ତ କରିଛି। ଅମଳ ଯନ୍ତ୍ର ସାହାଯ୍ୟରେ ଧାନ ଅମଳ ପରେ କ୍ଷେତରେ ପଡ଼ିଥିବା ପାଳରେ ନିଆଁ ଲଗାଇଦେବାରୁ ଏହା ପ୍ରଖର ବେଗରେ ବିଭିନ୍ନ ବିଲକୁ ନିଆଁ ବ୍ୟାପି ଯାଇଥିଲା। ଏ ସମ୍ପର୍କରେ ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପାଣି ମାରିବା ପରେ ନିଆଁକୁ ଆୟତ୍ତ କରିଥିଲେ।

## ଗବଯୋର କ୍ଲଷ୍ଟରସ୍ତରୀୟ ପ୍ରଧାନଶିକ୍ଷକ ବୈଠକ



ପଲଶାଗୋରା, ୧୫ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗବଯୋର କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ବୈଠକ ଲୋକାପଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଚରଣ ମହାଲିକ ସଭାପତିତ୍ୱରେ ସମ୍ମାନୀତ ଅତିଥି- ଭାବେ ମଧୁମଙ୍ଗଳ ସା ଓ ଶୁକଦେବ ମହାଲିକ ମଞ୍ଚାସୀନ ଥିଲେ। ସିଆରସିସି ମନୋରଞ୍ଜନ ନାଏକ ବୈଠକ ପରିଚାଳନା କରିଥିଲେ। ବୈଠକରେ ମୌଳିକ ଭାଷା ଏବଂ ସଂଖ୍ୟା ଜ୍ଞାନ, ବିଦ୍ୟାଳୟ ଅନୁଦାନ ଏବଂ ବିଦ୍ୟାଳୟର ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା। ଅଭୟ ମହାଲିକ, ସୁନିତା ଦାସ, ଯଦୁମଣି କୁଶଳ, କୈବଲ୍ୟ ମହାକୁଲ, ସତ୍ୟ ନାରାୟଣ ମହାକୁଡ଼, ଜନ୍ମ ବଣ୍ଡକି ଓ ଉଦ୍ଧବ ପ୍ରଧାନ ପ୍ରମୁଖ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସରୋଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଟିଏମ୍ ଲୁଟ୍ ପରେ ପଡ଼ିଛି ତାଲା



ବୌଦ୍ଧ, ୧୫ ।୨(ସମିସ): ବୌଦ୍ଧ ବ୍ଲକ ବଡ଼ିଗାଁରେ ମାସେ ହେଲା ଏଟିଏମ୍ ବନ୍ଦ ଥିବାରୁ ଟଙ୍କା ଉଠାଣ ପାଇଁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଜାନୁଆରୀ ୧୪ ତାରିଖ ରାତିରେ ବଡ଼ିଗାଁସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଦୁର୍ବୃତ୍ତ ଟଙ୍କା ଲୁଟ୍ କରି ନେଇଥିଲେ। ସେହି ଦିନଠାରୁ ଦୀର୍ଘ ୧ ମାସ ବିତି ଯାଇଥିଲେ ମଧ୍ୟ ଏଟିଏମରେ ତାଲା ପଡ଼ି ରହିଛି। ଏହା ଫଳରେ ୫ଟି ପଞ୍ଚାୟତର ପ୍ରାୟ ୩୦ଟି ଗ୍ରାମର ଗ୍ରାହକ ଏଟିଏମ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଗ୍ରାହକ ଏଟିଏମ କାର୍ଯ୍ୟକ୍ଷମ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏଟିଏମ ଖୋଲା ଯାଉ ନ ଥିବା ହେତୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ



ବୌଦ୍ଧ, ୧୫ ।୨(ସମିସ): ଜିଲ୍ଲାପାଳ ସୁବ୍ରତ ପଣ୍ଡା ଶନିବାର ବୌଦ୍ଧ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ବୌଦ୍ଧ ବ୍ଲକର ବାଉଁଶୁଣୀ, ସାହାଜପାଲ୍, ମୁଣ୍ଡିପଦର, ଡମ୍ବୁରୁଗଡ଼, ବଡ଼ିଗାଁ ଆଦି ଅଞ୍ଚଳ ପରିଦର୍ଶନ କରି ରାସ୍ତା, ପାର୍କ, ବନ ସୁରକ୍ଷା ସମିତି ଗୃହ ଓ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ସମେତ ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## କିଆଫୁଲ ଘିବେଲାଙ୍କ ପରଲୋକ



ତରଭା, ୧୫।୨(ସମିସ): ତରଭା ବ୍ଲକ ସିଂହାରୀ ନିବାସୀ ହଳଧର ଘିବେଲାଙ୍କ ଧର୍ମପତ୍ନୀ ତଥା ସିଂହାରୀ ପଞ୍ଚାୟତର ସରପଞ୍ଚ ଭୁମତି ଘିବେଲାଙ୍କ ଶାଶୁ କିଆଫୁଲ ଘିବେଲା (୬୨) ଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ। କିଆଫୁଲଙ୍କ ବିୟୋଗ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ବ୍ଲକ୍‌ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ

ବୀରମହାରାଜପୁର/ସୁବଳୟା, ୧୫।୨(ସମିସ): ବୀରମହାରାଜପୁର ବ୍ଲକ ବଡ଼କିରାସିରା ଉନ୍ନିତ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନଶିକ୍ଷକ ଗୋପାଳ ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବୀରମହାରାଜପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଯୋଗଦେଇଥିଲେ। ଶିକ୍ଷକ ସୂର୍ଯ୍ୟନାରାୟଣ ସିଆଲ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ କରିଥିବା ବେଳେ କେନ୍ଝରିଆପାଲିର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ ବିବରଣୀ ପଠନ କରିଥିଲେ। ବୈଠକରେ ଅପାରଆଇଡି, ଉତ୍କର୍ଷ, ଖାନ୍ ଏକାଡେମୀ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ପଞ୍ଚସଖା ଶିକ୍ଷା ସେତୁ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷକ ଅକ୍ଷୟ ରାଏ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କୁନା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଲାଗି କଳସ ଶୋଭାଯାତ୍ରା



**ବୀରମହାରାଜପୁର, ୧୫।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ବହଳପଦର ପଞ୍ଚାୟତ ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦର୍ହରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବ। ଏଥିପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଗଦର୍ହସ୍ଥିତ ରାଧାବଲ୍ଲଭ ମଠର ମଠାଧିଶ ସନତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ଯୋଗଦେଇଥିଲେ। ପୂଜକ ଭାବେ ଘନଶ୍ୟାମ ପଣ୍ଡା ଓ ସୁଦାମ ପଣ୍ଡା କାର୍ଯ୍ୟନିର୍ବାହ କରିଥିଲେ। ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସୁନ୍ଦରକାଣ୍ଡ ପାରାୟଣ କରାଯାଇଥିଲା। ବୀରମହାରାଜପୁର ବ୍ଲକ ବଡ଼ବର୍ଡାକଟା ଗ୍ରାମର ଅଟଳ ମିଶ୍ର ବ୍ୟାସ ଗାୟକ ଭାବେ ଯୋଗଦେଇ ସୁନ୍ଦରକାଣ୍ଡ ପାଠ କରିଥିଲେ। ପାରାୟଣ ମଣ୍ଡପ ସହିତ ନାମ ମଣ୍ଡପ ଓ ଅନ୍ୟସବୁ ମଣ୍ଡପରେ କର୍ତ୍ତା ଭାବେ ଗଜାନନ ସାହୁ ଓ ଉଦିଆଁ ସାହୁ, ପଙ୍କଜ ଧଳ ଓ ପ୍ରମୋଦିନି ଧଳ, ଚୈତନ୍ୟ ସାହୁ ଓ କୁମାରୀ ସାହୁ ଏବଂ ଷଡ଼ାନନ ସାହୁ ସପତ୍ନିକ ଏବଂ ପ୍ରଦୀପ ଖେତି ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସୁନ୍ଦରକାଣ୍ଡ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶନିବାର ସକାଳୁ ଚବିଶ ପ୍ରହରୀ ନାମଯଜ୍ଞର ଅଧିବାସ ଅନୁଷ୍ଠିତ ହୋଇଯାଇଛି। ସୋମବାର ଭାଲୁଡୁଙ୍ଗୁରୀ ଶୃଙ୍ଗଦର୍ହରେ ନବ ନିର୍ମିତ ରାଧା ବଲ୍ଲବ ମଠର ପ୍ରତିଷ୍ଠା ହେବ ବୋଲି ମଠାଧିଶ ଶ୍ରୀ ଦାସ କହିଛନ୍ତି। ମଙ୍ଗଳବାର ଏହାର ପୂର୍ଣ୍ଣାହୁତି ହେବ।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋନପୁର, ୧୫।୨(ସମିସ):** ସୋନପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନ ଗଢିବାରେ ମହାବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ଦେଇଥିଲେ। ଡ. ସୌରଭ ରଞ୍ଜନ ଖମାରୀ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ. ଇତିଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ପାଇଁ ସସ୍ମିତା ମେହେର ଓ ସ୍ମୃତିସୁମନ ପଧାନଙ୍କୁ ଶ୍ୟାମସୁନ୍ଦର ମିଶ୍ର ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଡ. ମହେନ୍ଦ୍ର ଦାଶ, ଡ. ଦେବେନ୍ଦ୍ର ପଧାନ ମଞ୍ଚାସୀନ ଥିବାବେଳେ ଅଧ୍ୟାପକ ଧୀରେନ ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ମୀନକେତନ କୁମ୍ଭାର, ଅଧ୍ୟାପକ ସଙ୍ଗମ ପଶାୟତ, ଅଧ୍ୟାପିକା ବିଥିକା ଦେହେରୀ, ଚନ୍ଦ୍ରକାନ୍ତି ବିଶ୍ୱାଳ, ନିରୋଜା ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

## ଏମ୍‌ଏନ୍‌ସିସି ଚାମ୍ପିଅନ ଟ୍ରଫି କ୍ରିକେଟ



- ହିଙ୍ଗ୍‌ମାକୁ ହରାଇ ସେମିରେ ଚନ୍ଦଲି

**ବୀରମହାରାଜପୁର, ୧୫।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କାନପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଶନିବାର ଏମ୍‌ଏନ୍‌ସିସି ଚାମ୍ପିଅନ ଟ୍ରଫି କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର ଏବଂ ସମ୍ମାନିତ ଅତିଥିଭାବେ ବହଳପଦର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ୍‌ଟି କଳାପଥର ଓ ଚନ୍ଦଲି ମଧ୍ୟରେ ହୋଇଥିଲା। ଏଥିରେ କଳାପଥର ପ୍ରଥମେ ବ୍ୟାଟିଂ କରି ୭୫ ରନ କରିଥିଲା। ଜବାବରେ ଚନ୍ଦଲି ୭୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ନୂଆଗଡ଼ ଓ ହିଙ୍ଗମା ମଧ୍ୟରେ ହୋଇଥିଲା। ଏଥିରେ ନୂଆଗଡ଼ ପ୍ରଥମେ ବ୍ୟାଟିଂ କରି ୭୧ ରନ କରିଥିଲା। ଜବାବରେ ହିଙ୍ଗମା ଦଳ ୭୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ଚନ୍ଦଲି ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ହିଙ୍ଗମା ମଧ୍ୟରେ ହୋଇଥିଲା। ଏଥିରେ ଚନ୍ଦଲି ଦଳ ପ୍ରଥମେ ବ୍ୟାଟିଂ କରି୯୧ ରନ କରିଥିବା ବେଳେ ହିଙ୍ଗମା ଦଳ ୭୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଚନ୍ଦଲି ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ଗୁଡିକରେ ଅଭିମନ୍ୟୁ ଖମାରୀ ଓ ବାସୁଦେବ ଖମାରୀ ଆମ୍ପାୟାର, ଉତ୍ତମ ଖମାରୀ ସ୍କୋରିଂ ଏବଂ କବିରାଜ ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ଗ୍ରାମ ଉତ୍‌ଥାନର ଯୁବବିକାଶ କାର୍ଯ୍ୟକ୍ରମ



ବୀରମହାରାଜପୁର, ୧୫।୨(ସମିସ): ସୋନପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ଉତ୍‌ଥାନର ଯୁବବିକାଶ କାର୍ଯ୍ୟକ୍ରମ ଦ୍ୱାରା ଦୁଇଟି ସଙ୍ଗୀତ ମୁକ୍ତିଲାଭ ହୋଇଛି। ସଙ୍ଗୀତକୁ ବୀରମହାରାଜପୁର ଉପଖଣ୍ଡ ଅଧୀନ କାଦୋଦର ପଞ୍ଚାୟତ ଉମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବକ ଯୁବତୀମାନେ 'ଆମେ ଭାରତୀୟ' ଓ ଜୟକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦମାମୁଣ୍ଡାର ଯୁବକଯୁବତୀ 'ଆମେରେ ଭାରତ ମାତାର ସନ୍ତାନ' ଗୀତକୁ ଗାଇଥିଲେ। ସଙ୍ଗୀତ ମୁକ୍ତିଲାଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରସିଦ୍ଧ ନାଟ୍ୟକାର ଗଦାଧର ବାରିକ ଏବଂ ସମ୍ମାନିତ ଅତିଥି ପୂର୍ବତନ ସେନା ନିରୀକ୍ଷକ, ଅଲଇଣ୍ଡିଆ ରେଡିଓ ଆର୍ଟିଷ୍ଟ ଓ ସଙ୍ଗୀତ ବିଷାରଦ କୃଷ୍ଣଚନ୍ଦ୍ର ସିଦ୍ରିଆ, ଗ୍ରାମ ଉତଥାନ୍‌ର ପ୍ରତିଷ୍ଠାତା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରଧାନ, ଜୟକୃଷ୍ଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟମ୍ବଦା ନାୟକ, ଯୋଗାଳୟ ସହ-ସମ୍ପାଦକ ଆର୍ତ୍ତତ୍ରାଣ ବାବୁ, ପାରାୟଣ ଓ ଭଜନ ଗାୟିକା ଦେବସ୍ମିତା ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀବଲ୍ଲଭ ପ୍ରସାଦ ନାୟକ ଯୋଗଦେଇଥିଲେ। ଗ୍ରାମ ଉତଥାନ୍‌ର ଶିକ୍ଷା ଓ ଭାବନାତ୍ମକ ପରିଚାଳିକା ଲୋପାମୁଦ୍ରା ବଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ସ୍ୱର୍ଣ୍ଣରୂପା ମିଶ୍ର ଓ ଯୁବ ସଂଯୋଜକ କ୍ଷୀରେନ୍ଦ୍ର ରଣା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଉଭୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ଦେହୁରୀ, ସଚ୍ଚିଦାନନ୍ଦ କର୍ଣ୍ଣ, ଝସକେତନ ପ୍ରଧାନ, ସୁର ସରଗମ ଷ୍ଟୁଡିଓ କଣ୍ଟାମାଳର ସୁଶାନ୍ତ ଷାଣ୍ଢ, ଶିବ କମ୍ପ ସଙ୍ଗୀତ ଓ କଳା କିପରି ଯୁବକଯୁବତୀଙ୍କ ଉନ୍ନତି ହୋଇପାରିବ ସେ ବିଷୟରେ କହିଥିଲେ। ଶେଷରେ ଯୁବ ସଂଯୋଜକ ରଶ୍ମିତା ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅନିତା ଖେତି ସହଯୋଗ କରିଥିଲେ।

## ଲୀଳାସାହାଜି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବିନିକା, ୧୫।୨(ସମିସ): ବିନିକା ବ୍ଲକ ଗୁଲୁଣ୍ଡା ଲୀଳାସାହାଜି ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ସ୍ୱତନ୍ତ୍ର ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୋମିତ୍ରି ପତି ବାର୍ଷିକ ବିବରଣୀ ପଠନ କରିବା ସହ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅତିଥିଗଣ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ହିମାଂଶୁ ହିମାଂଶୁ ଭୂଷଣ ପଣ୍ଡା ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ।



## ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା

# ଫାଇନାଲରେ ବୌଦ୍ଧ ଓ ଫୁଲବାଣୀ

**ବୌଦ୍ଧ, ୧୫ ।୨(ସମିସ):**

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ଦ୍ୱିତୀୟ ସେମିଫାଇନାଲ ବିନିକାର ମାଁ ନକତାଖୁଡେନ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ ଅମୀମାଂଶିତ ରହିବା ଫଳରେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଫୁଲବାଣୀ ୫-୪ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଯାଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏସିଏଫ ଆଶିଷ କହଁର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ସମାଜସେବୀ ରଞ୍ଜିତ ପଟ୍ଟନାୟକ, ଇଞ୍ଜିନିଅର ମନୋଜ ପ୍ରଧାନ, ଧର୍ମୁଧର ପୋଡ଼ ପ୍ରମୁଖ ଯୋଗ ଦେଇଥିଲେ। ରେଫରୀ ସୁବ୍ରତ ପୁରୋହିତ, ମାନଭଞ୍ଜନ ମହାରଣା, ଅମିତ ବେହେରା ପରିଚାଳନା କରିଥିବା ବେଳେ ଅମ୍ବରିସ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ନିରଞ୍ଜନ ବଗର୍ତ୍ତୀ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ବୌଦ୍ଧ ଗେହ୍ଲା ମା ଓ ଫୁଲବାଣୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



# ଡ. ସୁନୀଲ ଧଙ୍ଗଡ଼ାମାଝୀ ଦେବଗିରି ମଠର ନୂତନ ଟ୍ରଷ୍ଟି ନିଯୁକ୍ତ

**ଭବାନୀପାଟଣା, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦରସ୍ଥିତ ଦେବଗିରି ମଠରେ ନୂତନ ଟ୍ରଷ୍ଟ ବୋର୍ଡ଼ ଗଠିତ ହୋଇଛି। ଡ. ସୁନୀଲ ଧଙ୍ଗଡ଼ାମାଝୀ ଟ୍ରଷ୍ଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ପକ୍ଷରୁ ବିଦ୍ଧିବଦ୍ଧ ଭାବେ ଶ୍ରୀ ଭଗବତ ସ୍ୱାମୀ ଦେବଗିରି ମଠ ଟ୍ରଷ୍ଟ ବୋର୍ଡ଼କୁ ଅନୁମୋଦନ ମିଳିଛି। ଏନେଇ ପୂର୍ବରୁ ଅତିରିକ୍ତ ଦେବୋତ୍ତର କମିଶନର (ବ୍ରହ୍ମପୁର), ବିଭାଗୀୟ ଇନ୍ସପେକ୍ଟର, ନର୍ଲା ତହସିଲଦାର ପ୍ରମୁଖଙ୍କୁ ଦେବୋତ୍ତର ଆୟୁକ୍ତ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ତେବେ ଲୋକସଂସ୍କୃତି ଗବେଷକ ସୁନୀଲ ଧଙ୍ଗଡ଼ାମାଝୀ ମଠର ନୂତନ ପରିଚାଳନା ଟ୍ରଷ୍ଟି ଭାବେ ନିଯୁକ୍ତ ହୋଇଥିବାବେଳେ ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ସୁରେନ୍ଦ୍ର ମାଝୀ, ସଞ୍ଜୟ ଧଙ୍ଗଡ଼ାମାଝି, ରଜନୀ ଗଉଡ, ଲୋକନାଥ ଗଉଡ, ଭରତ ଧଙ୍ଗଡ଼ାମାଝୀ, ତପିବର ଦାସ, ବିଭିଷଣ ଧଙ୍ଗଡ଼ାମାଝୀ, ଶତ୍ରୁଘନ ଧଙ୍ଗଡ଼ାମାଝୀ, ଦେବରାଜ ଗଉଡ, ପ୍ରଦୀପ ଧଙ୍ଗଡ଼ାମାଝୀ ପ୍ରମୁଖ ୧୨ଜଣ ସଦସ୍ୟ ରହିଛନ୍ତି। କଳାହାଣ୍ଡିର ନାଗବଂଶୀ ମହାରାଜମାନଙ୍କ ଅମର କୀର୍ତ୍ତି ଦେବଗିରି ମଠ ଦେଶ ସ୍ୱାଧୀନ ହେବାପରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ରହିଲା। ପୂର୍ବରୁ ମଠରେ ଅନେକ ଟ୍ରଷ୍ଟି ନିଯୁକ୍ତ ହୋଇଥିବାବେଳେ ୨୦୦୮ ମସିହାରୁ ଏହା ଏକପ୍ରକାର ସ୍ଥାଣୁ ହୋଇ ଯାଇଥିଲା। ଏହାପରେ ପରାମର୍ଶଦାତା କମିଟି ଓ ପରିଚାଳନା କମିଟି ମାଧ୍ୟମରେ ମଠ ପରିଚାଳିତ ହେଉଥିଲା। ୨୦୦୨ରୁ ୨୦୨୫ ପର୍ଯ୍ୟନ୍ତ ଡ. ଧଙ୍ଗଡ଼ାମାଝୀ ମଠର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଦୀର୍ଘ ବର୍ଷ ପରେ ଦେବଗିରି ମଠରେ ନୂତନ ଟ୍ରଷ୍ଟ ବୋର୍ଡ଼ ଗଠିତ ହୋଇଛି।



# ସିଜିମାଳି ଖନନ ପ୍ରସଙ୍ଗ
# ଆରମ୍ଭ ହେଉ ଖଣି; ବନ୍ଦ ହେଉ ଦାଦନ ଯିବା

**ଭବାନୀପାଟଣା, ୧୫ ।୨(ସମିସ)**




ଶିଳ୍ପର ଉନ୍ନତି ହେଉଛି ରାଷ୍ଟ୍ରୀୟ ବିକାଶର ପରିମାପକ। ଶିଳ୍ପ ଅଭିବୃଦ୍ଧି ଦ୍ୱାରା ହିଁ ଉନ୍ନତ ରାଜ୍ୟ ଓ ବିକାଶଶୀଳ ଜିଲ୍ଲାର ସ୍ୱପ୍ନ ଦେଖିବା ସମ୍ଭବ। ପ୍ରଚୁର ଖଣିଜ ସମ୍ପଦ ଥିବା ସତ୍ତ୍ୱେ କଳାହାଣ୍ଡି ଜିଲ୍ଲା ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଆସିଛି; କିନ୍ତୁ ଯେଉଁଠାରେ ଲୋକମାନେ ସେମାନଙ୍କ ଜମି ଛାଡୁ ନ ଥିଲେ କି ଟିକେ ଘୁଞ୍ଚିବାକୁ ଚାହୁଁ ନ ଥିଲେ ଆଜି ସେ ଭାବନାର ବିରାଟ ପରିବର୍ତ୍ତନ ଘଟିଥିବା ପରିଲକ୍ଷିତ ହୋଇଛି। କଳାହାଣ୍ଡିରେ ଶିଳ୍ପ ଓ ଖଣି ବିନା ବିକାଶର ବିକଳ୍ପ ନାହିଁ। ଏକଥା ପ୍ରଭାବିତ ଅଞ୍ଚଳବାସୀ ହୃଦୟଙ୍ଗମ କରିଥିବାର ଚିତ୍ର ଦେଖିବାକୁ ମିଳିଛି। ଶନିବାର କଳାହାଣ୍ଡି ଜିଲ୍ଲା ତଥା ଥୁଆମୂଳ ରାମପୁର ବ୍ଲକ ଅଧୀନ ଖଣି ପ୍ରଭାବିତ ହଜାର ହଜାର ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଭବାନୀପାଟଣା ସହରରେ ପହଞ୍ଚିଥିଲେ। ସିଜିମାଳି ଖଣି ଖନନକୁ ଗୁରୁତ୍ୱ ଦେବାସହ ତୁରନ୍ତ ସିଜିମାଳିକୁ ନେଇ ଭବିଷ୍ୟ ପନ୍ଥା ନିର୍ଣ୍ଣୟ କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶନିବାର ମଧ୍ୟାହ୍ନରେ ୧୦ ହଜାରରୁ ଅଧିକ ଲୋକଙ୍କ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ସମାବେଶ ହୋଇଥିଲା। ସେଠାରୁ ସେମାନେ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କଳାହାଣ୍ଡି ଭଳି ଆଦିବାସୀ ପ୍ରବଣ ଅଞ୍ଚଳରେ ଖଣିଜ ସମ୍ପଦ ଓ ବକ୍ସାଇଟ୍ ସମେତ ଅନେକ ପ୍ରାକୃତିକ ସମ୍ପଦ ଭରପୁର ଭାବେ ଗଚ୍ଛିତ ରହିଛି। ନବୀନ ସରକାରଙ୍କ ସମୟରୁ ସିଜିମାଳି ବକ୍ସାଇଟ ଖଣିକୁ ଅନୁମୋଦନ କରି ବେଦାନ୍ତ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଇତିମଧ୍ୟରେ ବେଦାନ୍ତ କମ୍ପାନୀ ଖଣି ସମ୍ପର୍କିତ ସମସ୍ତ କାମକୁ ପରିଚାଳନା କରିବା ପାଇଁ ମୈତ୍ରୀ ଇନଫ୍ରା କମ୍ପାନୀକୁ ଦାୟିତ୍ୱ ଦେଇଛି। ମୈତ୍ରୀ କମ୍ପାନୀ ମଧ୍ୟ ଗତ କିଛି ବର୍ଷ ଧରି ବିଭିନ୍ନ ସ୍ଥାନରେ ସାମାଜିକ ବିକାଶ ଓ ସମାଜ କଲ୍ୟାଣ ଦିଗରେ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରୁଛି। କ୍ରୀଡା ଓ ଯୁବ ଶକ୍ତିକୁ ପ୍ରୋତ୍ସାହନ ଦେବା ସହ ଆଞ୍ଚଳିକ ଗୋଷ୍ଠୀ ପରିଚାଳନା ଏବଂ ସ୍ଥାନୀୟ କେତେକ ମନ୍ଦିରର ପୁନଃରୁଦ୍ଧାର କରି ଅଞ୍ଚଳବାସୀଙ୍କ ସହ ସମ୍ପର୍କ ମଜବୁତ୍ କରିପାରିଛି। ବେଦାନ୍ତ କମ୍ପାନୀ ସହିତ ସହବନ୍ଧିତ ମୈତ୍ରୀ ଇନଫ୍ରା କମ୍ପାନୀ ଭିତ୍ତିଭୂମି, ଖଣି ପ୍ରସଙ୍ଗରେ ଏବଂ ପ୍ରଭାବିତ ଲୋକଙ୍କ ସହିତ ସୁସମ୍ପର୍କର ସେତୁଟିଏ ନିର୍ମାଣ କରିବାର କାର୍ଯ୍ୟ ତୁଲାଇ ଆସୁଛି। ତେବେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିଛି ଅଗଣତାନ୍ତ୍ରିକ ଅନୁଷ୍ଠାନ ସହଯୋଗରେ ଖଣି ଓ କମ୍ପାନୀ ବିରୋଧରେ ସ୍ୱର ଉଠାଇ ବିକାଶ ଦିଗରେ ରୋକ୍ ଲଗାଇବାର ଅପଚେଷ୍ଟା କରୁଛନ୍ତି। ଏଠି ଗୋଟିଏ କଥା ପ୍ରତି ଜୋର ଦିଆଯାଇଛି ଯେ, କଳାହାଣ୍ଡି ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଗଢି ଉଠିଲେ ଅନ୍ତତ ଦାଦନକୁ ନେଇ କଳାହାଣ୍ଡି ମୁଣ୍ଡାଉଥିବା ଅପଯଶରୁ ମୁକ୍ତିମିଳିବ। ତେଣୁ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ପଡ଼ିବ। ନ୍ୟାୟ ମିଳିବାରେ ବିଳମ୍ବ ହେବାରୁ ଶେଷରେ ହଜାର ହଜାର ଲୋକ ଏକାଠି ହୋଇଛନ୍ତି। ଯେଉଁମାନେ ଏହି ବିକାଶଧାରାରେ ପ୍ରତିବନ୍ଧକ ସାଜୁଛନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁମାନଙ୍କ ନାମରେ ମାମଲା ରହିଛି ତୁରନ୍ତ ସେମାଙ୍କୁ ଗିରଫ କରିବାକୁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ତେବେ ସିଜିମାଳି ଖଣି ଖାଦାନକୁ ଖୋଲାଯିବା ସହିତ ଆଞ୍ଚଳିକ ଭିତ୍ତିରେ ନିଯୁକ୍ତିର ସୁଯୋଗ ସୃଷ୍ଟି

## ମୈତ୍ରୀ ଇନଫ୍ରା କମ୍ପାନୀର ବଡ଼ ଭୂମିକାକୁ ସମର୍ଥନ

କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। କାରଣ ସ୍ଥାନୀୟ ଅଞ୍ଚଳରେ ରୋଜଗାରକ୍ଷମ ହୋଇପାରିଲେ ଜିଲ୍ଲାରୁ ଦାଦନ ସମସ୍ୟାର ସମାଧାନର ବାଟ ଖୋଲିଯିବ। ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳ ସହିତ ବିଭିନ୍ନ ସ୍ଥାନରୁ ଲୋକମାନେ ଏକତ୍ରିତ ହୋଇ ସିଜିମାଳି ଖଣି ସପକ୍ଷରେ ନିଜ ଦାବି ଜଣାଇଛନ୍ତି। ସବୁପ୍ରକାର ପ୍ରାକୃତିକ ବିଭବ ଥାଇ ଦାରିଦ୍ର୍ୟତାରୁ ନିଜକୁ ମୁକୁଳାଇବାର ସିଦ୍ଧାନ୍ତ ବାସ୍ତବିକ କେତେଦୂର ଫଳପ୍ରଦ ହେଉଛି ତାହା ଆଗକୁ ଦେଖିବାକୁ ରହିଲା।

# କୋଡ଼ି ମାଡ଼ରେ କାକାର ମୃତ୍ୟୁ

**ତରଭା, ୧୫।୨(ସମିସ):** ଚାଷ ଜମିକୁ ପାଣି ମଡ଼ାଇବାକୁ କେନ୍ଦ୍ରକରି ଗୋଟିଏ ପରିବାରର ଦୁଇଭାଇଙ୍କ ମଧ୍ୟରେ କଳହ ହେବାରୁ ପୁତୁରାର କୋଡି ମାଡ଼ରେ କାକାର ଶୋଚନୀୟ ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ବିଷାଦ ଖେଳାଇଦେଇଛି। ସୂଚନାନୁଯାୟୀ, ତରଭା ଥାନା ଅଧୀନ ପାଣିମୁରା ନିବାସୀ ବିପିନ ମଲ୍ଲିକଙ୍କ ଚାଷଜମିରୁ ତାଙ୍କର ସାନଭାଇ ନବୀନ ମଲ୍ଲିକ ପାଣି କାଟିଦେବାକୁ କେନ୍ଦ୍ରକରି ଶନିବାର ଅପରାହ୍ନ ୪ଟା ୩୦ରେ ଉଭୟଙ୍କ ମଧ୍ୟରେ ଚାଷଜମିରେ ଝଗଡ଼ା ହୋଇଥିଲା। ଏହି ସମୟରେ ବିପିନଙ୍କ ପୁଅ ମଣ୍ଟୁ(୨୮) ଗୋଟିଏ ରଫାରେ କାକା ନବୀନ(୬୦)ଙ୍କ ମୁଣ୍ଡରେ ଆଘାତ କରିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ନବୀନଙ୍କ ପୁଅ ସତ୍ୟାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ତରଭା ପୁଲିସ ମାମଲା ରୁଜ୍ଜୁକରି ଘଟଣାସ୍ଥଳରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ତରଭା ଡାକ୍ତରଖାନାକୁ ଆଣିଛି। ରବିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଆଇଆଇସି ଅନିତା କିଡୋ କହିଛନ୍ତି। ଅଭିଯୁକ୍ତ ବିପିନ ଓ ମଣ୍ଟୁକୁ ପୁଲିସ ଆଣି ପଚରାଉଚରା କରୁଥିବା ଜଣାଯାଇଛି।

# ଚିଚିଆ ପଞ୍ଚାୟତର ବିକାଶ ପାଇଁ ଗ୍ରାମସଭା

**ଗୋଲାମୁଣ୍ଡା, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ମଦନ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତାଲିକା ପ୍ରସ୍ତୁତ କରି ଅନୁମୋଦନ କରାଯାଇଥିଲା। ସମିତି ସଭ୍ୟ ସନ୍ତୋଷ ପଟେଲ, ହରିନାରାୟଣ ମେହେର, ଝୁନୁ ପଟେଲ, ପବିତ୍ର ପାଣଗ୍ରାହୀ, ବିଶ୍ୱଜିତ ସେନାପତି, ପ୍ରଦ୍ୟୁମ୍ନ ମେହେର, ରାମ କୁମାର ସେନାପତିଙ୍କ ସମେତ ଆଶା, ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆରପି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସହ ପ୍ରତି ଗ୍ରାମର ୱାର୍ଡ଼ମେମ୍ବର ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପଣ୍ଡା ଗ୍ରାମ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ 'ଧୂଆଁ' ମଞ୍ଚସ୍ଥ



**ସୋନପୁର, ୧୫।୨(ସମିସ):** ସୋନପୁର ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅବସରରେ ନାଟକ 'ଧୂଆଁ' ମଞ୍ଚସ୍ଥ ହୋଇଛି। ନାଟକରେ ଛାତ୍ରଛାତ୍ରୀଙ୍କ ଅଭିନୟ ଦେଖି ଦର୍ଶକମାନେ ତାଟସ୍ଥ ହୋଇଯାଇଥିଲେ। ନାଟ୍ୟକାର ସୁବୋଧ ପଟ୍ଟନାୟକ ଲେଖିଥିବା ଏହି ନାଟକକୁ ମନୋଜ ବାରିକ ନିର୍ଦ୍ଦେଶନା ଦେଇଥିଲେ। ଆଧୁନିକ ସମାଜର ନିଚ୍ଛକ ଚିତ୍ର ଏହି ନାଟକରେ ପ୍ରଦର୍ଶିତ ହୋଇଥିଲେ। 'ଧୂଆଁ' ନାଟକରେ ପ୍ରୀତମ ପରିତୋଷ କୁମ୍ଭାର, ରୋହନ ସାହୁ, ସ୍ୱସ୍ତିକ କ୍ଷେତୀ, ସିଦ୍ଧାନ୍ତ ମଲ୍ଲିକ, ଶିଶିର ପଧାନ, ଦେବାଶିଷ ତାଣ୍ଡି, ସୌମ୍ୟ ପଧାନ, ନୀଳ ଭୋଇ, ଆଶୁତୋଷ ଜଗଦଲା, ପ୍ରଦୀପ ଦୀପ, ସୁରଭି ଭୋଇ, ପଲକ ନାଏକ, ପ୍ରିୟା ବିଶି, ଯଶମିନ ବେଦବାକ ଓ ପୂଜା ବାଘ ପ୍ରମୁଖ ଛାତ୍ରଛାତ୍ରୀ ଅଭିନୟ କରିଥିଲେ। ପ୍ରହ୍ଲାଦ ମହଲା ଏବଂ ସ୍ୱରାଜ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଡ. ଦେବେନ୍ଦ୍ର ପ୍ରଧାନ ଓ ଇତିଶ୍ରୀ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାକଡ଼ରେ ଛିଡ଼ାହୋଇଥିବା ଯୁବକଙ୍କୁ ପଛରୁ ପିଟିଲା ଟ୍ରକ୍

**କେସିଙ୍ଗା, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଟ୍ରାଫିକ ପୋଷ୍ଟ ପାଖରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ କେସିଙ୍ଗା ଗୌନ୍ତିଆପଡ଼ାର ମୁକେଶ ଷଣ୍ଢ (୩୫)।



**ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ**

**କ୍ଷତିପୂରଣ ଦାବିରେ ରାସ୍ତାରୋକ**

ଶନିବାର ଅପରାହ୍ନ ୩ଟାରେ ସେ କେସିଙ୍ଗା ଜଗନ୍ନାଥ ମନ୍ଦିର ଛକ ଟ୍ରାଫିକ ପୋଷ୍ଟ ପାଖରେ ଠିଆ ହୋଇଥିଲେ। ଏହି ସମୟରେ ବଲାଙ୍ଗୀର ପଟୁ ଆସୁଥିବା ଏକ ଟ୍ରକ୍ (ଓଆର ୧୯ ଏନ ୪୭୦୩) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ମୁକେଶ ଛିଟିକି ଯାଇ ମୁଖ୍ୟ ରାସ୍ତା ଉପରେ କଚାଡି ହୋଇ ପଡ଼ିଯାଇଥିଲେ। ରାସ୍ତା ଉପରେ ହିଁ ମୁକେଶଙ୍କ ପ୍ରାଣବାୟୁ ଚାଲିଯାଇଥିଲା। ଖବର ମିଳିବା ପରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସି ମେଡିକାଲ ନେଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପରେ ପରିବାର ବର୍ଗ ଓ ପଡ଼ାବାସୀ ମେଡିକାଲରେ ପହଞ୍ଚି ଥିଲେ। ସେମାନେ ମୁକେଶଙ୍କ ଶବ ଆଣି କେସିଙ୍ଗା ଆମ୍ବେଦକର ଛକସ୍ଥିତ ଗୌନ୍ତିଆ ପଡ଼ା ଛକ ମୁଖ୍ୟ ରାସ୍ତାରେ ରଖି କ୍ଷତିପୂରଣ ପାଇଁ ରାସ୍ତା ରୋକ କରିଥିଲେ। ପରେ କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଓ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉଭୟ ଅଧିକାରୀ ପରିବାର ବର୍ଗ ଓ ପଡ଼ାବାସୀଙ୍କୁ ଦୀର୍ଘ ୪ ଘଣ୍ଟା ଧରି ବୁଝାସୁଝା କରିଥିଲେ। ରେଡକ୍ରସରୁ ସହାୟତା ଓ ଅନ୍ୟାନ୍ୟ ସହାୟତା ଲାଗି ସହମତି ମିଳିଥିଲା। ଏହାପରେ ସନ୍ଧ୍ୟା ୭ଟାରେ ରାସ୍ତା ରୋକ ହଟିଥିଲା। ମୁକେଶଙ୍କ ଦୁଇଟି ଛୋଟ ଛୋଟ ପୁଅ ଝିଅ ଅଛନ୍ତି। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ଓ ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ଅକାଳ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳି ଯାଇଛି।

# ଇଡି କେୟାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୧୫ ।୨(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଇଡିକେୟାର ପବ୍ଲିକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା ସମିତିର ଅଧ୍ୟକ୍ଷ ଗୋକୁଳ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି, ଶିକ୍ଷାବିତ ଅଶୋକ ତ୍ରିପାଠୀ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା କୁନି ସାହୁ, ରିଷିଡା ସରପଞ୍ଚ ସେବତୀ ରଣା, ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର, ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ଦେଉଳଗୁଡି ସରପଞ୍ଚ ମଧୁମତୀ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସାହୁ, ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଯଶୋବନ୍ତୀ ମାଝୀ, ବାପୁଜୀ ହାଇସ୍କୁଲ ରିଷିଡାର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦୋରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନେ ହିଁ ରାଷ୍ଟ୍ରର ସାହା ଓ ରାହା ବୋଲି ଅତିଥିବଗଣ ମତବ୍ୟକ୍ତ କରିଥିଲେ। ବରିଷ୍ଠ କଳାକାର ମଧୁସୂଦନ ବାଗ ସଭା ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ପ୍ରିନ୍ସିପାଲ ଜଗମୋହନ ରଣା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ୪୫ ଦିନ ହେଲା ବିନା ବିଡିଓରେ କେସିଙ୍ଗା ବ୍ଲକ୍

**କେସିଙ୍ଗା, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ମୁରବି ଶୂନ୍ୟ ହୋଇ ପଡ଼ିଛି। ଜାନୁୟାରୀ ୧ ତାରିଖରୁ ଏଠାରେ ବିଡିଓ ନାହାନ୍ତି। ପଦ୍ମନାଭ ପୁରୋହି ଅବସର ନେବା ପରେ ପଦବୀ ଖାଲି ପଡ଼ିଛି। ଆଜି ପର୍ଯ୍ୟନ୍ତ ବ୍ଲକରେ ସ୍ଥାୟୀ ବିଡ଼ିଓ ନିଯୁକ୍ତି ପାଇନାହାନ୍ତି। ଏବେ ଭାରପ୍ରାପ୍ତ ବିଡ଼ିଓ ସିଦ୍ଧେଶ୍ୱର ମେହେରଙ୍କ ହସ୍ତରେ ୨୬ ପଞ୍ଚାୟତ ବିଶିଷ୍ଟ କେସିଙ୍ଗା ବ୍ଲକର ଭାଗ୍ୟ। ଏହାଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି।

# ବାପାମାଁ ଛେଉଣ୍ଡ ଭାଇଭଉଣୀଙ୍କୁ ପ୍ରଶାସନର ଅଣଦେଖା

## ସରକାରୀ ସହାୟତା ଯୋଗାଇଦେବାକୁ ଦାବି

**କୋମନା, ୧୫।୨(ସମିସ):** ବାପା ମାଁ ଆରପାରିକୁ ଚାଲିଗଲା ପରେ ବର୍ତ୍ତମାନ ତିନି ଭାଇ ଭଉଣୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କ ଅଜା ରାମେଶ୍ୱର ନାଗ(୬୫) ଓ ଆଇ ବନକ ନାଗ(୬୨) ବୟସର ଅପରାହ୍ନରେ ମଧ କୁଲି ମଜୁରୀ କରି ଉକ୍ତ ତିନି ଭାଇଭଉଣୀଙ୍କ ଭରଣପୋଷଣ ଦାୟିତ୍ୱ



ନେବାକୁ ବାଧ ହୋଇଛନ୍ତି। ଏଭଳି ଏକ ପରିବାର କୋମନା ବ୍ଲକ ଅଧୀନ ଗଣ୍ଡାମେର ଗ୍ରାମ ପଞ୍ଚାୟତର କେନ୍ଦୁଭଟା ଗାଁରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, କୋମଳମତୀ ଶିଶୁମାନଙ୍କ ବାପା ଗୌତମ ନାଗ(୩୩)ଙ୍କ ୨୦୧୬ରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ମାଁ ପ୍ରେମକାନ୍ତି ନାଗ(୩୦) ଗୋଟିଏ ବର୍ଷ ପରେ ଅର୍ଥାତ ୨୦୧୭ରେ ୩ ଶିଶୁଙ୍କୁ ପୋଷିବା ଚିନ୍ତାରେ ତାଙ୍କର ମଧ୍ୟ ପରଲୋକ ହୋଇଥିଲା। ଫଳରେ ସେହି ଦିନରୁ ଶିଶୁମାନଙ୍କ ବୃଦ୍ଧ ଅଜା ଆଇ ସେମାନଙ୍କ ଖାଇବା, ପିଇବା ଓ ପାଠ ପଢ଼ାଇବା ଆଦି ସମସ୍ତ ବ୍ୟବସ୍ଥା ଅତି କଷ୍ଟରେ ବହନ କରୁଥିବା କୋହଭରା କଣ୍ଠରେ ତାଙ୍କ ଅଜା ମତପ୍ରକାଶ କରିଛନ୍ତି। ବଡ଼ ଝିଅ କ୍ଷୀରୋଦିନୀ ନାଗ (୧୮) ମାଟ୍ରିକ ପାସ ପରେ ଅର୍ଥାଭାବରୁ ପାଠ ପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। ସେହିପରି ସୁଭାଗ୍ୟ ନାଗ(୧୬) ବୁଦ୍ଧିକୋମନା ପଞ୍ଚାୟତ କଲେଜରେ +୨ ପ୍ରଥମ ବର୍ଷରେ ବହୁ କଷ୍ଟରେ ଫିସ୍ ଭରି ନାମ ଲେଖାଇ ପାଠ ପଢୁଛନ୍ତି ଏବଂ ପୁଅ ପୁନିତ ନାଗ (୧୩) ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣାପଡ଼ିଛି। ଅପରପକ୍ଷରେ ଏବିଷୟରେ ଶିଶୁ ସୁରକ୍ଷା ଭିଭାଗକୁ ବିଭିନ୍ନ ସମୟରେ ଗଣମାଧ୍ୟମ ଜରିଆରେ ଜଣାଇଥିଲେ ସୁଦ୍ଧା ବିଭାଗ ଏମାନଙ୍କ କୌଣସି ସୁବ୍ୟବସ୍ଥା କରିବା ପରିବର୍ତ୍ତେ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଶିଶୁ ପରିବାରକୁ ରାସନ କାର୍ଡ ମାଧ୍ୟମରେ କେବଳ ଚାଉଳ ବ୍ୟବସ୍ଥାକୁ ଛାଡ଼ିଦେଲେ କୌଣସି ଅନ୍ୟପ୍ରକାର ଆର୍ଥିକ ସହଯୋଗ ତଥା ସୁବିଧା ପାଉନଥିବା ଶିଶୁମାନେ ମତପ୍ରକାଶ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଏହି ବିଷୟ ପ୍ରତି ଧ୍ୟାନଦେଇ ଶିଶୁମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ କୋମନା ବିଡିଓ ହେମନ୍ତ ପୁଟାଙ୍କୁ ପଚାରିବାରୁ ଶିଶୁମାନଙ୍କ ସମସ୍ତ ସୁବିଧା ସମ୍ପର୍କିତକୁ ନେଇ ଡିସିପିଓଙ୍କୁ ଜଣାଇବାସହ ହାଉସ ସର୍ଭେ ତୁରନ୍ତ କରାଯିବ ବୋଲି କହିଛନ୍ତି।

## ପୌରକେଲାରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳ

# ପିଠାପଣାରେ ମହକିଲା ମଞ୍ଚ

**କର୍ଲାମୁଣ୍ଡା, ୧୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ବିଆର୍ ଆମ୍ବେଦକର ଉଚ୍ଚ ବିଦ୍ୟାଳୟରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଦୁଇ ଦିନିଆ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର ସିଂ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ ରଣା, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ବାରିକ, ଅଗ୍ରଣୀ ଚାଷୀ ଉଗ୍ରସେନ ଧାରୁଆ, ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ବିପିସି ଜଗଦୀଶ ପ୍ରସାଦ ରଣା, ଏବିପିସି ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ମିଲେଟ ମିଶନ ଯୋଜନା ତଥା ମାଣ୍ଡିଆକୁ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ଗ୍ରହଣ କରିବାର ଆବଶ୍ୟକ ତା ଉପରେ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏହି ଅବସରରେ ମାଣ୍ଡିଆ ପିଠାପଣା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁଦ୍ର ସଶ୍ୟ ସମ୍ପର୍କୀତ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଧ୍ରୁବାବନ ବାଗ, ଭାନୁମତି ପ୍ରଧାନ, ପ୍ରବୀଣ ଭୋଇ, ଦେବାଶିଷ ନାଗ ପ୍ରମୁଖ ସହଯୋଗ କରିଥିଲେ।

## ମା' ନାରାୟଣୀ କ୍ରିକେଟ କପ୍

# ଦେଉଳମୁଣ୍ଡାକୁ ହରାଇ ଡାହାଣୀପାଲି ଟିମ୍ ଚାମ୍ପିଅନ



**ସୁବଳୟା, ୧୫।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅଧୀନ ଘଣ୍ଟପାଲି ଖେଳପଡ଼ିଆରେ ମା' ନାରାୟଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଡାହାଣୀପାଲି ଓ ଦେଉଳମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଡାହାଣୀପାଲି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦୧ରନ କରିଥିଲା। ଜବାବରେ ଦେଉଳମୁଣ୍ଡା ଟିମ୍ ୯୨ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ଡାହାଣୀପାଲି ଓ ଦେଉଳମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଡାହାଣୀପାଲି ୯୨ରନ କରିଥିବାବେଳେ ଜବାବରେ ଦେଉଳମୁଣ୍ଡା ୭୭ରନ ସଂଗ୍ରହ କରି ପରାଜୟ ହୋଇଥିଲା। ମ୍ୟାଚ୍‌ରେ ଦେଉଳମୁଣ୍ଡା ଟିମ୍‌କୁ ହରାଇ ଡାହାଣୀପାଲି ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନୋଜ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ରାଜେନ୍ଦ୍ର ସରାଫ, ଏକଲବ୍ୟ ବେହେରା, ପ୍ରଭାସ ପଣ୍ଡା ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଡାହାଣୀପାଲି ଟିମ୍‌ର ବିଶି ମେହେରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚରେ ପୁରସ୍କୃତ କରିଥିଲେ। ବିଜେତା ଟିମ୍ ଡାହାଣିପାଲିକୁ ୧୫ହଜାର ଓ ଉପବିଜେତା ଦେଉଳମୁଣ୍ଡା ଟିମ୍‌କୁ ୧୦୦୦ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। କମିଟିର ଶିବୁଲ ପଧାନ ଧନମାଳୀ ହୋତା ଓ ଲଳିତ ପଧାନ ଖେଳ ପରିଚାଳନା କରିଥିଲେ। ସ୍କୋରର ରୋହିତ ମାଳି ଓ ଶିବୁଲ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଉମାଶଙ୍କର ହୋତା, ଗୌରାଙ୍ଗ ସାମଲ, ସୁନୀଲ ପଧାନ, ବିଭୁତି ପଧାନ, ବୁଲୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡ଼ି ଗରିବ ଶ୍ରମିକ ଗିରଫର ପ୍ରତିବାଦ

# ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରେଞ୍ଜ ଅଫିସ ଘେରଉ

**ନୂଆପଡ଼ା, ୧୫।୨(ସମିସ)**

ନୂଆପଡ଼ା ଜିଲ୍ଲା ସଦର ବ୍ଲକ ମାଲିଭଟା ଗାଁରେ ଶୁକ୍ରବାର ଏକ ଘରେ ବନବିଭାଗ ଚଢ଼ଉ କରି ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ ଓ ଯନ୍ତ୍ରପାତି ଜବତ କରିଛି। ହେଲେ ମାର୍ ମାର୍ ଭଣ୍ଡାରିଆକୁ

## ବନ ବିଭାଗର ଜୁଲୁମ



ମାର୍ ନୀତିରେ ମୁଖ୍ୟ ଆସାମୀଙ୍କୁ ଛାଡ଼ି ନିରୀହ ଗରିବ ଶ୍ରମିକଙ୍କୁ ଗିରଫ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ନୂଆପଡ଼ା ରେଞ୍ଜ ଅଫିସକୁ ଘେରଉ କରାଯାଇଥିବା ବେଳେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି। ଘଟଣାସ୍ଥଳକୁ ଏସିଏଫ୍ ମହମ୍ମଦ ସାଲେହ ଖାନ ପହଞ୍ଚି ଗାଁ ଲୋକଙ୍କ ସହ ଆଲୋଚନା କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ମାଉଲିଭଟା ଗ୍ରାମରେ ଶୁକ୍ରବାର ବେଆଇନ ଭାବେ କାଠ ସାମଗ୍ରୀ ନିର୍ମାଣ କରି ବିକ୍ରି କରୁଥିବା ବନବିଭାଗଙ୍କୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଗୁରୁବାର ଏକ ଟିମ୍ ଗଠନ କରାଯାଇ ଉକ୍ତ ଘର ଉପରେ ଚଢ଼ଉ କରାଯାଇଥିଲା। ପୂର୍ବାହ୍ନ ୯ଟାରୁ ଅପରାହ୍ଣ୨ଟା ପର୍ଯ୍ୟନ୍ତ ଚଢ଼ଉ କରାଯାଇଥିଲା। ଶାଗୁଆନ କାଠରେ ତିଆରି ଝରକା, କବାଟ ଏବଂ ଅର୍ଦ୍ଧନିର୍ମିତ ସାମଗ୍ରୀ ଜବତ କରାଯାଇଥିଲା। ଏହା ସହ ଶାଗୁଆନ କାଠ ଗଣ୍ଡିସହ ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ଯନ୍ତ୍ର ଜବତ କରାଯାଇଥିଲା। ଘଟଣାରେ ମୁଖ୍ୟ ଅଭିଯୁକ୍ତ ମାଲିଭଟା ସନ୍ତରାମ ସାହୁ ଘଟଣାସ୍ଥଳରୁ ଫେରାର ହୋଇଥିବାବେଳେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା ଖଟି ଗ୍ରାମର ସନ୍ତୋଷ ପଟେଲ (୩୫)ଙ୍କୁ ଗିରଫ କରିଥିଲେ। ହେଲେ ଗାଁ ଲୋକ ଏହାକୁ ବିରୋଧ କରିବାସହ ବନବିଭାଗକୁ ଅର୍ଥର ପ୍ରଲୋଭନ ଦେଖାଇ ମୁଖ୍ୟ ଅଭିଯୁକ୍ତକୁ ଫେରାର କରିଥିବା ବେଳେ ନୀରିହ ଯୁବକଙ୍କୁ ଗିରଫ କରିଥିବା ଅଭିଯୋଗ ଆଣିଛନ୍ତି। ଏନେଇ ଶନିବାର ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବିରେ ମାଲିଭଟା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ର ହୋଇ ନୂଆପଡ଼ା ରେଞ୍ଜ ଅଫିସ ଘେରଉ କରିବା ସହ ରେଞ୍ଜର ବିନୀତା ଭୋଇଙ୍କୁ ବଦଳି କରିବାକୁ ଦାବି କରିଛନ୍ତି। ଘେରଉରେ ଗରିବସେନା ଜିଲ୍ଲା ସଭାପତି ରବି ମଙ୍ଗରାଜ, କୌଶିକ ରାମ ପଟେଲ, ହେମୁ ପଟେଲ, ଧନିରାମ ପଟେଲ, ଟିକମ ପଟେଲ, ଡିଗେସ ପଟେଲ, ତୀରଥ ପଟେଲ ସମେତ ମହିଳାମାନେ ମଧ୍ୟ ଏହି ଧାରଣାରେ ସାମିଲ ହୋଇଥିଲେ।

